# QUESTION BANK
## STD-X
## SUBJECT : ODIA

### ଡିମିରି ଫୁଲ

**ଅଖିଲ ମୋହନ ପଟ୍ଟନାୟକ**

**Extract - 1**

**"ଗାଡ଼ି ଭିତରୁ ଗୋଟିଏ ଉତ୍କଣ୍ଠିତ ନାରୀ କଣ୍ଠ ବେଶ ଜୋରରେ କହି ଉଠିଲା" ଆରେ ତମେ ସଞ୍ଜୟ ..........**

**(କ) ଗାଡ଼ିଭିତରୁ କିଏ କାହାକୁ ଏପରି କହିଥିଲେ ?**

ଉ. ଗାଡ଼ି ଭିତରୁ ଜଣେ ଭଦ୍ର ମହିଳା ମଞ୍ଜୁର ମାଆ ଅଶୋକଙ୍କୁ ସଞ୍ଜୟ ବୋଲି ସମ୍ବୋଧନ କରି କହିଥିଲେ। କାରଣ ସଞ୍ଜୟ ସହ ମଞ୍ଜୁର ବିବାହ ଠିକ୍ ହୋଇଥିଲା।

**(ଖ) ଭଦ୍ର ମହିଳାକୁ ଦେଖି ଅଶୋକ ବିଷୟରେ କେଉଁ ସବୁ କଥା ଭାବିଥିଲେ ?**

ଉ. ଭଦ୍ର ମହିଳାଙ୍କର ବୟସ ପ୍ରାୟ ଚାଳିଶ ପାଖାପାଖି କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟକୁ ଅତୁଟ ରଖିବାକୁ ଯତ୍ନବାନ ଏଥିରେ ସନ୍ଦେହ ଅବକାଶ ନାହିଁ। ତାଙ୍କ ମଧରେ ଆତ୍ମୀୟତାର ଆକର୍ଷଣ ଭରି ରହିଥିଲା ଖୁବ୍ ସ୍ନେହରେ ସେ ଅଶୋକକୁ ଘରକୁ ଡାକି ନେଇଥିଲେ।

**(ଗ) ଭଦ୍ର ମହିଳା କାହାକୁ ଡାକି କ'ର ବରାଦ କରିଥିଲେ ? ତାଙ୍କର ପ୍ରଥମ ପ୍ରଶ୍ନ ଅଶୋକକୁ କ'ଣ ଥିଲା ?**

ଉ. ସେଦିନ ଭଦ୍ର ମହିଳା ପୂଜାରୀକୁ ଡାକି ସଞ୍ଜୟ ପାଇଁ କଫିବରାଦ କରିଥିଲେ କାରଣ ସେ ଜାଣିଥିଲେ ଯେ ସଞ୍ଜୟ ଚା ପିଏ ନାହିଁ କେବଳ କଫି ପିଏ। ଭଦ୍ର ମହିଳା ଜଣକ ଅଶୋକକୁ ସଞ୍ଜୟ ଭାବି ପଚାରିଥିଲେ 'ତମେ କହିଲ ସଞ୍ଜୟ ମୁଁ ଚାରେ କେତେ ଚାମଚ ଚିନି ଖାଏ ?

**(ଘ) ଅଶୋକ କିଏ ? ସେ ଭଦ୍ର ମହିଳାଙ୍କ ଘର ବରଣ୍ଡାରେ କାହିଁକି ଆଶ୍ରୟ ନେଇଥିଲେ ?**

ଉ. ଆଶୋକ ଆଲ୍ଲାବାଦ ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ପଢୁଥିବା ଜଣେ ଛାତ୍ର ସେ ଦଶହରା ଛୁଟିରେ ଗୋହାଟି ବୁଲିବାକୁ ଯାଇ ହୋଟେଲରେ ରହୁଥିଲେ ସେଦିନ ସନ୍ଧ୍ୟାରେ ହୋଟେଲକୁ ଫେରିବା ସମୟରେ ହଠାତ୍ ଆକାଶରେ ମେଘ ଘୋଟି ଆସିଲା ବେଗରେ ପବନ ବୋହି ବର୍ଷା ଟୋପା ପଡ଼ିବାକୁ ଲାଗିଲା ଏଥିରୁ ରକ୍ଷା ପାଇବା ପାଇଁ ସେ ମହିଳାଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିଲେ।

**Extract - 2**

**'ବର୍ଷାର ବେଗ ସାମାନ୍ୟ କମିଛି । କର୍ଣ୍ଣସରେ ଲାଗି ରହିଥିବା ଟୋପା ଟୋପା ପାଣି ଟପ ଟପ ହୋଇ ତଳକୁ ପଡ଼ିବାର ଶବ୍ଦ ସୃଷ୍ଟି ହୋଇଛି ମୁଁ ଘଣ୍ଟାକୁ ବାରମ୍ବାର ନେଇ ଉଠିବାର ସୂଚନା ନେଲି ।'**

**(କ) ଏଠାରେ କିଏ କାହିଁକି ଘଣ୍ଟାକୁ ଦେଖୁଥିଲେ ଓ କାହାକୁ ଯିବାର ସୂଚନା ଦେଲେ ?**

ଉ. ଏଠାରେ ଅଶୋକ ଆହ୍ଲାବାଦର ବିଶ୍ୱ ବିଦ୍ୟାଳୟର ଛାତ୍ର ଗୌହାଟୀ ବୁଲିବାକୁ ଆସି ଥିଲେ ଥରେ ରହୁଥିବା ହୋଟେଲ ବାହାରେ ପଦଚାରଣ କରୁଥିଲେ । ହଠାତ୍ ମେଘ ଘୋଟି ବର୍ଷା ଟୋପା ପଡ଼ିଲା । ଅଗତ୍ୟା ଅଶୋକ ପାଖରେ ଥିବା ଘରେ ଆଶ୍ରୟ ନେଇ ଥିଲା । ସେଠାରେ ରହୁଥିବା ଭଦ୍ର ମହିଳା ତାକୁ ଭ୍ରମରେ ସଞ୍ଜୟ ଭାବି ଅନର୍ମଳ କଥା କହୁଥିଲେ ଯାହା ବିଷୟରେ ସେ ଅଜ୍ଞଥିଲେ । ତେଣୁ ସେ ଘଣ୍ଟା ଦେଖିଯିବାର ସୂଚନା ଦେଉଥିଲେ ।

**(ଖ) ବର୍ଷା ସାମାନ୍ୟ କମିବାରୁ ଅଶୋକ କ'ଣ କହି ବିଦାୟ ନେଇଥିଲେ ?**

ଉ. ବର୍ଷାର ବେଗ ସାମାନ୍ୟ କମିବାପରେ ଅଶୋକ ଘଣ୍ଟାକୁ ଦେଖି ତାଙ୍କର ଜଣେ ବନ୍ଧୁଙ୍କ ସହିତ ଆପଏଣ୍ଟମେଣ୍ଟ ଅଛି ବୋଲି ତାଙ୍କୁ ଶୀଘ୍ର ଯିବାକୁ କହି ଚାଲିଯାଇଥିଲେ ।

**(ଗ) ଆସିଲାବେଳେ ଭଦ୍ର ମହିଳା ଅଶୋକକୁ କେଉଁ ପ୍ରଶ୍ନ ପଚାରି ଥିଲେ ଓ ଅଶୋକ ଏଥିର କ'ଣ ଉତ୍ତର ଦେଇଥିଲେ ?**

ଉ. ଆସିଲାବେଳେ ଉକ୍ତ ମହିଳା ଜଣକ ଅଶୋକର ଠିକଣା ପ୍ରଶ୍ନ କରିଥିଲେ ଏହାର ଉତ୍ତରରେ ଅଶୋକ କହିଥିଲେ ଏଇ ନିକଟରେ ଥିବା ମୋଡ଼ ଉପରେ ଟିଭ୍ୟୁ ହୋଟେଲର ୨୪ ନମ୍ବର ରୁମ୍‌ରେ ଆସି ଓହ୍ଲେଇଚି ।

**(ଘ) ଭଦ୍ର ମହିଳା ଅଶୋକଙ୍କ ସହ କାହାକୁ କାହିଁକି ଯିବାକୁ ଆଦେଶ କରିଥିଲେ ?**

ଉ. ଭଦ୍ର ମହିଳାଜଣଙ୍କ ଅଶୋକକୁ ଗାଡ଼ିରେ ବସିବାକୁ ଆଦେଶ ଦେଇ ଡ୍ରାଇଭର ସୋଫର କୁ, ନେଇ ଗାଡ଼ିରେ ଛାଡ଼ି ଆସିବାକୁ ଓ ଅଶୋକ ରହୁଥିବା ହୋଟେଲ ଦେଖି ଆସିବାକୁ କହିଥିଲେ ।

**Extract - 3**

**ମୁଁ ସଂଯତ ହୋଇ ତାଙ୍କ ହାତରୁ ତାକୁ ଗ୍ରହଣ କଲି । ପ୍ୟାକେଟ୍ ଉପରେ ଫେଲଟ୍ ବଡ଼ ବଡ଼ ଆଙ୍ଗୁଡ଼ା ଅକ୍ଷରରେ କେବଳ ଦୁଇଟା ଅକ୍ଷର ଲେଖାଯାଇଛି– ମଂଜୁ ।**

**୧. ଅଶୋକ କ'ଣ ଗ୍ରହଣ କଲେ ଓ ତାହା କାହା ପାଇଁ ଥିଲା ?**

ଉ. ଅଶୋକ ମନ୍ତ୍ରମୁଗ୍ଧ ହୋଇ ଭଦ୍ରମହିଳାଙ୍କ ହାତରୁ ଏକ ସୁନ୍ଦର ଉପହାର ପ୍ୟାକେଟ୍ ଗ୍ରହଣ କରିଥିଲେ । ଏହି ଉପହାରଟି ତାଙ୍କ ଝିଅ ମଂଜୁ ପାଇଁ ଥିଲା ।



**୨. ପ୍ୟାକେଟ୍ ଗ୍ରହଣ କଲା ପରେ ଅଶୋକ କ'ଣ ଦେଖିଲେ ?**

ଉ. ପ୍ୟାକେଟ୍‌କୁ ଗ୍ରହଣ କଲା ପରେ ଅଶୋକ ଦେଖିଲେ ତା ଉପରେ ଉପହାରଟି ଯେ ମଂଜୁ ପାଇଁ ତାହା ଇଂରାଜିରେ ଲେଖା ଯାଇଥିଲା । କିନ୍ତୁ ମଂଜୁର ଠିକଣା ନ ଥିବା କଥା ସେ ଲକ୍ଷ୍ୟ କରିଥିଲେ । ତେଣୁ ଭଦ୍ରବ୍ୟକ୍ତିଙ୍କୁ ମଂଜୁର ଠିକଣା ଲେଖି ଦେବା ପାଇଁ କହିଥିଲେ କିନ୍ତୁ ଭଦ୍ରବ୍ୟକ୍ତି ମଂଜୁର ଠିକଣା ଜାଣନ୍ତି ନାହିଁ ବୋଲି କହିଥିଲେ ।

**୩. ଅଶୋକ କେତେବେଳେ ଜାଣିବାକୁ ପାଇଲେ ଯେ ମଂଜୁଙ୍କର ମୃତ୍ୟୁ ଘଟିଛି ?**

ଉ. ଅଶୋକ ଯେତେବେଳେ ଭଦ୍ରବ୍ୟକ୍ତିଙ୍କୁ ମଂଜୁର ଠିକଣା ପ୍ୟାକେଟ୍ ଉପରେ ଲେଖିବାକୁ କହିଲେ ସେତେବେଳେ ଭଦ୍ରଲୋକ ଉତ୍ତର ଦେଇଥିଲେ ସେ ମଧ୍ୟ ମଂଜୁର ଠିକଣା ଜାଣନ୍ତି ନାହିଁ । ଦାନ୍ତ ଚିପି ଚିପି କହିଲେ ମୋ ସ୍ତ୍ରୀଙ୍କର ମସ୍ତିଷ୍କ ବିକୃତି ହେବା ପରେ ମୋର ଝିଅ ମଂଜୁର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏହି ଦାରୁଣ ସମ୍ବାଦ ମୋ ସ୍ତ୍ରୀଙ୍କୁ ଦିଆଯାଇନାହିଁ । ତାଙ୍କର ଧାରଣା ଏବେ ମଧ୍ୟ ମଂଜୁ ବଂଚିଛି । ଭଦ୍ରବ୍ୟକ୍ତିଙ୍କ କଥାରୁ ହିଁସେ ଜାଣି ପାରିଲେ ମଂଜୁ ଆଉ ଏ ଦୁନିଆରେ ନାହାଁନ୍ତି ।

**୪. ଗଳ୍ପଟିର ନାମ "ଡିମିରି ଫୁଲ" ରଖାଯାଇଛି କାହିଁକି ?**

ଉ. ଡିମିରି ଗଛରେ ଫୁଲଟି ଫଳ ସହିତ ଏପରି ସଂଯୁକ୍ତ ହୋଇଥାଏ ଯେ ଦେଖାଯାଏ ନାହିଁ । ଲୋକେ ବିଶ୍ୱାସ କରନ୍ତି ଯେଉଁ ଭାଗ୍ୟବାନ ଡିମିରି ଫୁଲ ଦେଖିବ ସେ ରାଜା ହେବ । ଏ ଗଳ୍ପରେ ମଞ୍ଜୁର ସତ୍ତା କେଉଁ ଅଜଣା ଅତୀତରେ ହଜି ଯାଇଥିଲେ ମଧ୍ୟ ତାର ଉପସ୍ଥିତିଟାକୁ ପ୍ରତି ମୁହୂର୍ତ୍ତରେ ଅନୁଭବ ହେଉଥିଲା । ତେଣୁ ମଞ୍ଜୁ ସେ ପରିବାର ପାଇଁ ଡିମିରି ଫୁଲ ସଦୃଶ ଥିବାରୁ ଗଳ୍ପଟିର ନାମ ଏପରି ରଖାଯାଇଛି ।

**Extract - 4**

**ଦେଖିଲି ତାଙ୍କର ବାହୁଲଗ୍ନା ହୋଇ ଠିଆ ହୋଇଛନ୍ତି ବିଗତ ରାତ୍ରିର ସେଇ ନାରୀ ମୂର୍ତ୍ତି ଭଦ୍ର ମହିଳା ଗୋଟିଏ ସୁନ୍ଦର ପ୍ୟାକେଟ୍ ମୋ ହାତକୁ ବଢ଼େଇନେଇ ସୁନ୍ଦର ଇଂରାଜୀରେ କହିଲେ ଦିସ ଇଜ ଫର୍ ମଞ୍ଜୁ– ମାଇଣ୍ଡ ବି ଟ୍ରବଲ ।**

**(କ) ଭଦ୍ର ମହିଳା ଏଠାରେ କିଏ ?**

ଉ. ଭଦ୍ର ମହିଳା ଜଣକ ଥିଲେ ମଞ୍ଜୁର ମାଆ । ସେ ନିଜର କନ୍ୟା ମଞ୍ଜୁ ନିମନ୍ତେ ସବୁବେଳେ ଚିନ୍ତିତ ଥିଲେ । ମହିଳାଙ୍କର ବୟସ ପାଖାପାଖି ଚାଳିଶ ଥିଲା କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଅତୁଟ ରଖିବାକୁ ସେ ଖୁବ୍ ଯତ୍ନବାନ୍ ଥିଲେ ।

**(ଖ) ପ୍ୟାକେଟ୍‌ଟି କିଏ କାହା ପାଖକୁ ପଠାଉଥିଲେ ?**

ଉ. ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳା ତାଙ୍କ ଝିଅ ମଞ୍ଜୁ ପାଇଁ କିଛି ଜିନିଷ ପଠାଉଥିଲେ । ଅଶୋକ ଦିଲ୍ଲୀ ଯିବା ଶୁଣି ସେମାନେ ପ୍ୟାକେଟ୍ ଟି ନେଇଥିଲେ ।

(ଗ) **ପ୍ୟାକେଟ୍ ଉପରେ କ'ଣ ଲେଖା ଯାଇଥିଲା ?**

**ଏହା ଦେଖି ସେ ଭଦ୍ରଲୋକଙ୍କୁ ଅଶୋକ କ'ଣ କହିଛନ୍ତି ?**

ଉ. ପ୍ୟାକେଟ୍ ଉପରେ ମଞ୍ଜୁ ଦୁଇଟି ଅକ୍ଷର ଲେଖା ଯାଇଥିଲା ଏହା ଦେଖି ସେ ଭଦ୍ରଲୋକଙ୍କୁ ଅଶୋକ କହିଥିଲେ ମୁଁ ତ ମଞ୍ଜୁର ଠିକଣା ଜାଣେନା ପ୍ୟାକେଟ୍ ଉପରେ ଲେଖି ଦେଲେ ସୁବିଧା ହୁଅନ୍ତା।

(ଘ) **ଅଶୋକ ପ୍ରଶ୍ନରେ ଭଦ୍ର ଲୋକ କିଭଳି ଭାବେ କ'ଣ ଉତ୍ତର ହେଇଥିଲେ ?**

ଉ. ହଠାତ୍ ଭଦ୍ରଲୋକ ନିର୍ଜୀବ ହୋଇ ପଡ଼ିଲେ ଏବଂ ପ୍ରଚଣ୍ଡ ଅଟ୍ଟହାସ୍ୟର ନୀରବ ଇଙ୍ଗିତରେ ତାଙ୍କର ପୌଢ଼ ଶରୀରଟି ଦୋହଲିଗଲା ସେ ଅଶୋକଙ୍କ ପାଖକୁ ମୁହଁ ଆଣି ଦାନ୍ତ ଚିପି ଚିପି କହିଲେ। ମଞ୍ଜୁର ଠିକଣା ମୁଁ ମଧ୍ୟ ଜାଣେନା।

## QUESTION BANK WITH ANSWERS

## ସମାନ୍ତର ସରଳରେଖା

### Extract - 1

ଆଜି ମଧ୍ୟ ସେ ନିଜର ଏଇ ମତରେ ଅଟଳ, ଅଚଳ; କିନ୍ତୁ ତାଙ୍କରି ରକ୍ତରୁ ଜନ୍ମ ହୋଇ ସୁଦ୍ଧା ସନାତନ ତାଙ୍କ ଆଦର୍ଶରୁ ବିନ୍ଦୁଏ ହେଲେ ଧାର ଧାରେ ନାହିଁ। ପିତା-ପୁତ୍ର ଦୁହେଁ ଦୁଇଟି ସମାନ୍ତର ସରଳରେଖା ଭଳି– ରୁଚି, ଆଦର୍ଶ ଜୀବନଯାପନ ପ୍ରଣାଳୀ-କେଉଁଠି ହେଲେ ସୁଦ୍ଧା ସେମାନେ ଏକତ୍ର ମିଳିତ ହୁଅନ୍ତି ନାହିଁ।

୧. **ନାରଣ ଦାସଙ୍କ ନିଜ ମତଟି କ'ଣ ?**

ଉ. ନାରଣ ଦାସ ଜଣେ ସ୍ୱାଧୀନତା ସଂଗ୍ରାମୀ। ଦେଶପ୍ରେମ ତାଙ୍କ ଜୀବନର ମୂଳ ମନ୍ତ୍ର। ସେ କହନ୍ତି ଦେଶସେବା ଏକ ତ୍ୟାଗ। ସେଥିରେ ଦିଆନିଆ ସଉଦା ହୁଏନି। ନିଜର ସଂକୀର୍ଣ୍ଣ ଦାବି ଉପସ୍ଥାପନା କରିବା ପାଇଁ ଅନଶନ କରିବ, ଆଉ କେହି ଅନୁରୋଧ କଲେ ଅନଶନ ଭାଙ୍ଗିବାକୁ ଲେମ୍ବୁ ରସ ପିଇବ, ଏପରି ହୀନ ଆଚରଣ ତାଙ୍କର ମତ ନୁହେଁ।

୨. **ତାଙ୍କ ପୁଅର ନିଜସ୍ୱ ମତ କ'ଣ ଥିଲା ?**

ଉ. ତାଙ୍କ ପୁଅ ସନାତନର ମତ ପୂରା ଅଲଗା ଥିଲା। ସେ ଭାବେ ଯେକୌଣସି ଉପାୟରେ ଟଙ୍କା ରୋଜଗାର କରି ନିଜର ଉନ୍ନତିକଲେ ଆପେ ଦେଶର ଉନ୍ନତି ହେବ। ସେ ଶ୍ରମିକ ନୁହେଁ ଶ୍ରମିକମାନଙ୍କ କାନ୍ଧରେ ଚଢ଼ି ବଡ଼ ହେବା ତାର ଲକ୍ଷ୍ୟ ଥିଲା।

୩. **ଅପତ୍ୟ, ସ୍ନେହ ତାଙ୍କୁ କି ପ୍ରକାର ପରିସ୍ଥିତିରେ ପକାଇଥିଲା ?**

ଉ. ସଂଗ୍ରାମୀ ଜୀବନରେ ଥରେ ନାରଣ ଦାସ ସ୍ତ୍ରୀ ଓ ପୁଅଙ୍କୁ ଦେଖିବାକୁ ଘରକୁ ରାତି ଅଧରେ ଆସିଥିଲେ। ପୁଅକୁ ଜର ଥିଲା। ସ୍ତ୍ରୀ ଡ଼ରୁଥିଲେ। ତେଣୁ ଜରୁଆ ପୁଅକୁ କୋଳରେ ଧରି ସେ



ବସି ରହିଥିଲେ। ସକାଳ ହେବା ଆଗରୁ, ସେ ଖସିଯିବା ଆଗରୁ ପୋଲିସ୍ ହାତରେ ଧରାପଡ଼ି ଗଲେ।

୪. **ଆଜି ସେମାନେ ସମାନ୍ତର ସରଳରେଖା, କିପରି ?**

ଉ. ସମାନ୍ତର ସରଳରେଖା ଯେତେ ବାଟକୁ ଲମ୍ବିଗଲେ ମଧ୍ୟ କେବେ ମିଶନ୍ତି ନାହିଁ। ସେହିପରି ନାରଣ ଦାସଙ୍କର ନିର୍ମଳ ଆଦର୍ଶ ତାଙ୍କ ଜୀବନସାରା ଦୃଢ଼ ଥିଲା। ତାଙ୍କ ପୁଅ ସନାତନ ନକଲି ବିପ୍ଳବୀ ହୋଇ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲରେ ବ୍ୟସ୍ତ ରହିଲା। ସେ ଦୁହିଁଙ୍କ ମଧ୍ୟରେ କିଛି ହେଲେ ମେଳ ଖାଉନଥିଲା।

### Extract - 2

ଦେଶ ସ୍ୱାଧୀନ ହେଲା। ସେ ସନାତନକୁ ସ୍ୱାଧୀନଚେତା, ସଚ୍ଚୋଟ କରି ଗଢ଼ିବାପାଇଁ ପତ୍ନୀ ବିୟୋଗ ପରେ ବହୁ କଷ୍ଟରେ ଓକିଲାତି ପଢ଼ାଇଲେ; କିନ୍ତୁ ସେ ଅଲଗା ବାଟରେ ଚାଲିଗଲା।

୧. **ନାରଣ ତାଙ୍କ ପୁଅକୁ କି ପ୍ରକାର ଶିକ୍ଷାଦେଇ ବଢ଼ାଇଥିଲେ ?**

ଉ. ନାରଣ ଦାସଙ୍କ ପୁଅ ସନାତନ ବଡ଼ ହୋଇ ସ୍ୱାଧୀନ ଚେତା, ସଚ୍ଚୋଟ ମଣିଷ ହେବାଲାଗି ଓକିଲାତି ପଢ଼ିଲା। ଓକିଲ ହୋଇ ସତ୍ୟ ଓ ନ୍ୟାୟ ପାଇଁ ଲଢ଼ିବ, ଦୁର୍ବଳକୁ ସାହାହେବ ବୋଲି ଶିକ୍ଷାଦେଇ ସେ ପୁଅକୁ ବଢ଼ାଇଥିଲେ।

୨. **ପୁଅର ବାଟ ଅଲଗା ହେଲା କିପରି ?**

ଉ. ଭାରତ ସ୍ୱାଧୀନ ହୋଇଯିବାପରେ ଅନେକ ଲୋକଙ୍କର ଲକ୍ଷ୍ୟ କେବଳ ଅର୍ଥ ଲାଭ ଲୋଭରେ ରହିଲା। ସନାତନ ମଧ୍ୟ ଆଦାୟ କରିବା ଇତ୍ୟାଦି ତା'ର ଦୈନିକ ଅଭ୍ୟାସ ପାଲଟିଗଲା। ମଦ ପିଇବା, ନାନା ସ୍ଥାନରେ ପିକେଟିଂ କରି ପଇସା ଆଦାୟ କରିବା ଇତ୍ୟାଦି ତା'ର ଦୈନିକ ଅଭ୍ୟାସ ହେଲା। ବାପା ତ୍ୟାଗରେ ବିଶ୍ୱାସ ରଖୁଥିଲେ, ପୁଅ ଭୋଗରେ ବିଶ୍ୱାସ ରଖିଲା।

୩. **ମଧୁମିତା କିଏ ? ସେ ଖଦଡ଼ ଲୁଗା ଦେଖିଲେ ନାକ ଟେକେ କାହିଁକି ? ତାହା ନାରଣ କାହିଁକି ଆଘାତ ଦିଏ ?**

ଉ. ମଧୁମିତା ନାରଣ ଦାସଙ୍କ ବୋହୂ, ସନାତର ପତ୍ନୀ। ସେ ମଧ୍ୟ ତା' ସ୍ୱାମୀର ବାଟର ଯାତ୍ରୀ। ଲୁଗା ଗାନ୍ଧିବାଦୀମାନଙ୍କର ଆଦର୍ଶ ଥିଲା। ମିଲ୍‌ର ଫାଇନ୍ ଲୁଗା ସ୍ୱାଧୀନ ଭାରତର ନାଗରିକମାନଙ୍କର ପସନ୍ଦ। ମଧୁମିତା ଆଧୁନିକା ଝିଅ। ସେ ଖଦଡ଼ ଦେଖିଲେ ନାକ ଟେକେ।

୪. **ନାରଣ ଏବେ କିପରି ସମୟ କାଟୁଥିଲେ ? ଆମରଣ ଅନଶନକୁ ସେ କେଉଁ ଦୃଷ୍ଟିରେ ଦେଖନ୍ତି ?**

ଉ. ନାରଣ ଦାସ ବଗିଚାରେ ଗଛ ଲଗାଇବା, ସୂତା କାଟିବା, ବହି,ଖବର କାଗଜ ପଢ଼ିବା ଇତ୍ୟାଦିରେ ନିଜକୁ ଆତ୍ମମଗ୍ନ ରଖୁଥିଲେ।

କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ରଖି ଆମରଣ ଅନଶନ କରି ଲେମ୍ବୁରସକୁ ଅପେକ୍ଷାକରି ରହିବାକୁ ସେ ନୀଚ ଦୃଷ୍ଟିରେ ଦେଖୁଥିଲେ। ଘୃଣା କରୁଥିଲେ।

**Extract - 3**

ନାରଣ ଦାସ ମାଛ-ମାଂସ ଖାଆନ୍ତି ନାହିଁ। ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ରାତିରେ ଡାକ୍ତର ତାଙ୍କୁ ଉପଦେଶ ଦେଇଥିଲେ। ସେଥିପାଇଁ ଗୋଟାଏ କ୍ଷୀରବାଲା ଅଧକିଲୋ ଲେଖାଁଏ କ୍ଷୀର ଦେଇଯାଉଥିଲା। ବୋହୂ ଶେଷରେ ସେଇ କଥା ଖୁଣ୍ଟା ଦେଲା।

**୧. ବୋହୂ କାହାକୁ କ'ଣ କହିଲା ? କାହିଁକି ?**

ଉ. ନାରଣ ଦାସଙ୍କ ବୋହୂ ମଧୁମିତା ଶିକ୍ଷୟିତ୍ରୀ ଥିଲା। ସେ ଭାବୁଥିଲା ଶଶୁରଙ୍କ ଚିକିତ୍ସା, କ୍ଷୀର ପିଆ ଆଦି ଖର୍ଚ୍ଚ ଚଳାଇବା ସେ ଚାକିରି କରୁଛି। ତାର ଯେତେବେଳେ କୋରାପୁଟ ବଦଳି ହେଲା। ସେ ଆଶା କରିଥିଲା ନାରଣ ଦାସ ସରକାରଙ୍କ ଚାପା ପକାଇ ତା'ର ବଦଳି ରଦ୍ଦ କରାଇଦେବେ। ତାହା ହେଲାନାହିଁ। ତେଣୁ ସେ ରାଗିଯାଇ କହିଲା ସ୍ୱାଧୀନତା ସଂଗ୍ରାମୀମାନେ କେତେ ଉପାୟରେ ଟଙ୍କା ରୋଜଗାର କରନ୍ତି। କିନ୍ତୁ ତା'ର ଶ୍ୱଶୁର କିଛି ନ କରିବା ଫଳରେ ପରିବାର ଅସୁବିଧାରେ ଚଳୁଛି।

**୨. ନାରଣ ନିଜ ଗୃହରେ ପ୍ରବାସୀ ଥିଲେ କାହିଁକି ?**

ଉ. ନାରଣ ଦାସ ପ୍ରକୃତରେ ନିଜ ଘରେ ହିଁ ଜଣେ ପ୍ରବାସୀ ଥିଲେ। କାରଣ ତାଙ୍କର ଆଦର୍ଶ ଓ ତାଙ୍କ ପୁଅବୋହୂଙ୍କର ମତବାଦ ଭିତରେ ଆକାଶ ପାତାଳ ପ୍ରଭେଦ। କେହି କାହା ମତରୁ ଟଳିବେ ନାହିଁ। ତେଣୁ ତାଙ୍କୁ କେବେ ଲାଗୁନଥିଲା ଯେ ସେ ନିଜ ଘରେ ନିଜ ପରିବାରରେ ରହୁଛନ୍ତି।

**୩. ସମାଜରେ କିପରି ଲୋକଙ୍କର ଅଧିକ ଚାହିଦା ଥାଏ ?**

ଉ. ଯେଉଁମାନେ ନିଜର କୌଣସି ତ୍ୟାଗକୁ ମୂଳ ପୁଞ୍ଜିକରି ଲକ୍ଷଲକ୍ଷ ଟଙ୍କା ଲୁଟି ନିଅନ୍ତି, ତ୍ୟାଗ ନୁହେଁ ଭୋଗକୁ ଜୀବନର ଲକ୍ଷ୍ୟ କରନ୍ତି ଓ ସେଥିପାଇଁ ନୀତି ଅନୀତି ନ ମାନି କାମ କରନ୍ତି ସେମାନଙ୍କର ଚାହିଦା ସମାଜରେ ଅଧିକ। ଯେଉଁମାନେ ତାହା ପାରନ୍ତି ନାହିଁ ସେମାନେ ଅଯୋଗ୍ୟ।

**୪. ବୋହୂର ସେବାକଥା ଶୁଣି ନାରଣ ଯନ୍ତ୍ରଣା ତ ପାଇଲେ; ହସିଦେଲେ ମଧ, କାହିଁକି ? ତାଙ୍କର ଶେଷ ବକ୍ତ୍ୟବଟି କ'ଣ ଥିଲା ?**

ଉ. ଖବରକାଗଜରୁ ନାରଣ ଦାସଙ୍କ ପ୍ରଶଂସା, ଅସୁସ୍ଥତା ଓ ମାସିକ ପାଞ୍ଚଶହ ଟଙ୍କାର ସରକାରୀ ଭତ୍ତା ଇତ୍ୟାଦି ସମ୍ବାଦ ମଧୁମିତା କୋରାପୁଟରେ ଥାଇ ଜାଣିଲେ। ଶେଷରେ ସେଥିପାଇଁ ସେ ଧାଇଁ ଆସିଲେ ଶ୍ୱଶୁରଙ୍କ ସେବା କରିବା ପାଇଁ। ଦେଶ ପାଇଁ ସେବା କରିଥିବାରୁ ତାର ମୂଲ୍ୟରୂପେ ଭତ୍ତା ମିଳିବା କଥାଟା ନାରଣ ପସନ୍ଦ କରନ୍ତି ନାହିଁ। ତେଣୁ ସେ ଯନ୍ତ୍ରଣା ପାଇଲେ।

ବୋହୂ ତାଙ୍କର ସେବା କରିବାକୁ ଆସିଛି ଶୁଣି ସେ ହସିଦେଲେ। କାରଣ ସେ ଜାଣନ୍ତି ସେ ନିପଟ ଛଳନା।



ତାଙ୍କର ଶେଷ ସମୟ ଆସିଯାଇଛି। ତେଣୁ ଭତ୍ତା ହେଉ ବା ସେବା ସବୁ ଡେରିଲେ ଆସିଲା, ସେ ଭୋଗ କରିପାରିଲେ ନାହିଁ ବୋଲି କହିଲେ।

## QUESTION BANK WITH ANSWERS

## <u>ଆଙ୍ଗୁଠି</u>

**Extract - 1**

ହଠାତ୍ ଏହିପରି ସମୟରେ ଦେଖାଗଲା, ସେହି ବରଗଛ ତଳେ ଦୁଇଟା ମଣିଷର ଛାଇ। ମାଗୁଣି ଖାଁର ଦିହରୁ ଗୋଟାଏ ଘମୋଘୋଟିଆ ଝାଳ ନିଗିଡ଼ିଗଲା।

**୧. କେଉଁ ସମୟରେ ମାଗୁଣି ଖାଁ କୁଆଡ଼େ କାହିଁକି ଯାଉଥିଲା ?**

ଉ. ବଡ଼ି ଭୋର ସମୟରେ ମାଗୁଣି ଖାଁ ତା ବିଲକୁ ଚଷିବା ପାଇଁ ବାହାରିଲା। ଗତ ରାତିରେ ଅସରାଏ ବର୍ଷା ହୋଇଥିବାରୁ ମାଟି ଓଦା ଥିଲା ଜମି ଚଷିବାର ଉତ୍ତମ ସୁଯୋଗ ମଧ୍ୟ ଥିଲା।

**୨. ସେ ବିଲକୁ କିପରି ପ୍ରସ୍ତୁତ ହୋଇ ବାହାରିଲା ?**

ଉ. ମାଗୁଣି ହଳ ଧରି ବିଲକୁ ବାହାରିଲା। ଗାମୁଛାଟାକୁ ମୁଣ୍ଡରେ ଭଲ କରି ଗୁଡ଼େଇ ଦେଲା। ପାଖ କନିଆରି ଗଛରୁ ଡାଳ ଖଣ୍ଡେ ଭାଙ୍ଗି ତାର ଗଣ୍ଠିପତ୍ର ସବୁ ସଫା କରି ଦେଢ଼ହାତ ଲମ୍ବର ଗୋଟିଏ ପାଞ୍ଚଣ ବାଡ଼ ତିଆରି କଲା। ତା ପରେ ଅଭ୍ୟାସ ମୁତାବକ ଦରପାସୋରା ହିନ୍ଦୁସ୍ଥାନୀ ଗୀତ ରାମ ସେ ଲଇକ୍ଷଣ ହୋ ଗଲେ ମୃଗ ମାରି ଗାଇ ଗାଇ ବିଲ ଆଡ଼କୁ ମୁହାଁଇଲା।

**୩. ବରଗଛ ପାଖରେ କାହିଁକି ମାଗୁଣିକୁ ଭୟ ଲାଗିଲା ?**

ଉ. ଗାଁ ମୁଣ୍ଡରେ ବରଗଛଟା ଅନ୍ଧାର ଗଦା ପରି ଠିଆ ହୋଇଥିଲା। ବିରାଟ ଝଙ୍କାଳିଆ ଗଛ ପୁଣି ଓହଳ ସବୁ ଓହଳି ଥିଲା। ତାରି ମୂଳରେ ଗ୍ରାମ ଦେବତୀ ବାଉତୀ ଠାକୁରାଣୀଙ୍କ ଆସ୍ଥାନ ବେଦି। ଅଳ୍ପ ଦୂରେ ମଶାଣି। କାଲି ରାତିରୁ ଗୋଟିଏ ମୁରୁଦାର ଜଳୁଥିଲା ସେ ତାର ଜୁଇ ନିଆଁ ଏବେ ମଧ୍ୟେ ଦିକଦିକ୍ ଜଳୁଥିଲା ବାଟରେ ଜନ ପ୍ରାଣୀର ସୋର ଶବ୍ଦ ନଥିଲା, ଚାରିଆଡ଼େ ନିଛାଟିଆ, ଏହିସବୁ ଦୃଶ୍ୟ ମାଗୁଣି ମନରେ ଭୟ ସୃଷ୍ଟି କଲା। ଭୟରେ ରକ୍ଷା ପାଇବା ପାଇଁ ଅଜଣାତରେ ତାର ହାତ ପାପୁଲି ଡାହାଣପଟ ବଳଦର ଲାଙ୍ଗୁଡ଼କୁ ମୁଠେଇ ଧରିଥିଲା।

**୪. ବରଗଛ ତଳେ ଦୁଇଟା ମଣିଷ ଦେଖି ମାଗୁଣି କ'ର ଭାବିଲା ?**

ଉ. ଅନ୍ଧାରିଆ ବରଗଛ, ବାଉତୀ, ଠାକୁରାଣୀଙ୍କ ଆସ୍ଥାନ ଦେବୀ ପୁଣି ମଶାଣିରେ ଶବ ଦରପୋଡ଼ା ଦେହରୁ ଜୁଇନିଆଁ ଦିକି ଦିକି ହୋଇ ଜଳୁଥିବା ଦୃଶ୍ୟ ମାଗୁଣି ମନରେ ଭୟ ସୃଷ୍ଟି କରିଥିଲା। ପାହାନ୍ତିଆ କାଳି ଅନ୍ଧାର ସମୟ,କିଛି ସ୍ପଷ୍ଟ ଦେଖାଯାଉ ନାହିଁ ଚାରିଆଡ଼େ ନିଛାଟିଆ, ସୋର ଶବ୍ଦ ନାହିଁ ଏପରି ସମୟରେ ବରଗଛ ତଳେ ଦୁଇଟି ମଣିଷ ଛାଇ ତାପରେ ଭୟକୁ ଆହୁରି ଚଢ଼ାଇ ଦେଇଥିଲା। ଏତେ ଅନ୍ଧାରରେ ମଣିଷ କୁଆଡୁ ଆସିବେ ? ନିଶ୍ଚୟ ଭୂତ ପ୍ରେତ ବୋଲି ଭାବି ତା ଦେହରୁ ଗୋଟାଏ ଜୋରଦାର ଝାଳ ବୋହି ଗଲା। ପାଟି ଓଠ ଅଠା ଅଠା ହୋଇଗଲା।

**Extract - 2**

ଆଚ୍ଛା ଦିଆଯିବା । ଏ ଆଗତୁରା କୋଡ଼ିଏ ଟଙ୍କା ନିଆ ଗଣ, ଧର, ବାନ୍ଧ, ହିଁ ସବୁ କଥା ଯେମିତି ମନେ ରହେ, ବୁଝିଲ ? ହୁସିଆର !!!

**୧. ଉଦ୍ଧୃତ ବକ୍ତବ୍ୟ କାହାର ? ସେ କାହାକୁ ଏ କଥା କହିଛନ୍ତି ?**

ଉ. ବରଗଛ ତଳେ ଦେଖା ଦେଇଥିବା ଦୁଇଟି ଛାଇ ମଧ୍ୟରୁ ଉଦ୍ଧୃତ ବକ୍ତବ୍ୟଟି ପ୍ରଥମ ଛାଇର ଯିଏ କି ଦ୍ୱିତୀୟ ଛାଇକୁ ଏ କଥା କହିଛନ୍ତି ।

**୨. ସେ କେଉଁଥି ପାଇଁ ଏ କଥା କହିଛନ୍ତି ?**

ଉ. କଟକ ସହରୁ ଆସିଥିବା ଦେଶକର୍ମୀମାନଙ୍କ ସଭାକୁ ନିଷ୍ଫଳ କରିବା ପାଇଁ ଦୁଇଟି ଯାକ ଛାଇ କାଳି ଅନ୍ଧାର ସମୟରେ ବରଗଛ ମୂଳେ କଥାବାର୍ତ୍ତା ହୋଇଛନ୍ତି । ସଳର ଗ୍ରାମବାସୀଙ୍କ ମନରେ ଜମିଦାରଙ୍କ ପ୍ରତି ବିଶ୍ୱାସ ଭାବ ଜଗାଇବା ପାଇଁ ଆଙ୍ଗୁଠିର କିଣାବିକା କଥା ଚାଲି ଥିଲା । ଆଙ୍ଗୁଠିର ବଳିଦାନ ଦେଲେ ଯେ ଗ୍ରାମବାସୀ ସେମାନଙ୍କ କଥାକୁ ସମର୍ଥନ କରିବେ ଏଇଥିପାଇଁ କଥାବାର୍ତ୍ତା କରିଛନ୍ତି ।

**୩. "ସବୁ କଥା" କେଉଁସବୁ କଥାକୁ ବୁଝାଏ ?**

ଉ. ଦେଶକର୍ମୀମାନେ ଗ୍ରାମବାସୀଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରି ସେମାନଙ୍କର ଅଧିକାର ସଂପର୍କରେ ସୂଚନା ଦେଇ ପୁଞ୍ଜିବାଦ ବିରୁଦ୍ଧରେ ଆବାଜ ଉଠାଇବା ପାଇଁ ସଭାର ଆୟୋଜନ କରିଥିଲେ । କିନ୍ତୁ ଗାଁର ଜମିଦାର ଏସବୁ କଥା ଜାଣି ଦେଶକର୍ମୀମାନଙ୍କୁ ମିଥ୍ୟାବାଦୀ ଓ ନିଜକୁ ସତ୍ୟବାଦୀ ବୋଲି ପ୍ରମାଣିତ କରିବା ପାଇଁ ଗାଁର ଜଣେ ମଧ୍ୟସ୍ଥ ବ୍ୟକ୍ତି ଧରିଥିଲେ । ମଧ୍ୟସ୍ଥ ଜରିଆରେ କାଣି ଆଙ୍ଗୁଠି କିଣା ଯାଇଥିଲା ଯାହାକୁ ସଭା ମଝିରେ କାଟି ଗ୍ରାମବାସୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ଉଦ୍ଦେଶ୍ୟ ଥିଲା ଏଥିପାଇଁ ଜମିଦାର ତାଙ୍କୁ କୋଡିଏ ଟଙ୍କା ଆଗତୁରା ଦେଇ ଥିଲେ ଓ ସବୁ କଥା ମନେରଖି କାର୍ଯ୍ୟ କରିବାକୁ ସତର୍କ କରି ଦେଇଥିଲେ । ଏଠାରେ ସେଇ ସବୁ କଥା ମନେରଖି କାର୍ଯ୍ୟ କରିବାକୁ ସତର୍କ କରି ଦେଇଥିଲେ । ଏଠାଇ ସେ ସବୁ କଥାକୁ "ସବୁକଥା" ବୋଲି କୁହାଯାଇଛି ।

**୪. ଦ୍ୱିତୀୟ ଛାଇ ପ୍ରଥମ ଛାଇକୁଚ କ'ଣ ଦେଲେ ?**

ଉ. ଦ୍ୱିତୀୟ ଛାଇ ହେଉଛନ୍ତି ଗାଁର ଜଣେ ମଧ୍ୟସ୍ଥ ବ୍ୟକ୍ତି ଯାହାଙ୍କ ଜରିଆରେ ତୃତୀୟ ବ୍ୟକ୍ତିକୁ ଟଙ୍କା ଦେଇ ଆଙ୍ଗୁଠି କିଣିବାର ଯୋଜନା ଥିଲା । ପୁଣି ସେଇ ତୃତୀୟ ବ୍ୟକ୍ତି ସଭା ମଝିରେ ନିଜ ଆଙ୍ଗୁଠି କାଟି ସତ୍ୟର ସାକ୍ଷୀ ଦେବାରକଥା ଥିଲା । ତେଣୁ ପ୍ରଥମ ଛାଇଙ୍କ କଥା ଅନୁସାରେସେ ବୁଢ଼ା ଆଙ୍ଗୁଠିର ଦାମ ବୁଝିଥିଲେ । ବୁଢ଼ା ଆଙ୍ଗୁଠି ପାଞ୍ଚଶହ ଟଙ୍କା ଓ କାଣି ଆଙ୍ଗୁଠି ଦେଢ଼ ଶହ ଟଙ୍କା । ସେଥିରୁ ଗୋଟିଏ ପଇସା କମ୍ ହେଲେ ସେ ଅର୍ଥାତ୍ ତୃତୀୟ ବ୍ୟକ୍ତି ଆଙ୍ଗୁଠି ଦେବେ ନାହିଁ ବୋଲି ସାଫ ମନା କରିଥିବା କଥା ଆମକୁ ଛାଇକୁ ଜଣାଇଥିଲେ । ଶେଷରେ ଦେଢଶହ ଟଙ୍କା ଦେଇ କାଣି ଆଙ୍ଗୁଠି କିଣିବାର ସ୍ଥିର ହୋଇଥିଲା ଏଥିରେ ପ୍ରଥମ ଛାଇ ଦ୍ୱିତୀୟ ଛାଇକୁ ଆଗତୁରା କୋଡିଏ ଟଙ୍କା ଦେଇଥିଲେ ।



**Extract - 3**

ଆଜି ଗାଁର ଖୁବ୍ ବଡ଼ ସଭା । ଆଗରୁ ଧେଣ୍ଡୁରା ଦିଆ ଯାଇଥିଲା । ସଭା ପାଇଁ ସ୍ୱନାମ ଧନ୍ୟ କେତେଜଣ ଦେଶକର୍ମୀ ଆସିଛନ୍ତି ।

**୧. ...............................**

ଉ. ସଭା ଡାକିବାର ଉଦ୍ଦେଶ୍ୟ ଥିଲା ଜମିଦାର ବାରମ୍ବାର ଖଜଣା ବଢ଼ାଇ ଗାଁର ରୟତ ଓ ଚାଷୀକୂଳ ସର୍ବସ୍ୱାନ୍ତ କରୁଥିଲେ । ଏଇ ଅଙ୍କ କେତେକ ଜମିଦାର ସେମାନଙ୍କ ପରିଶ୍ରମର ଫାଏଦା ଉଠାଇ ଧନ ଠୁଳ କରୁଥିଲେ । ସରକାରଙ୍କ ପାଖରେ ଏହି ଗ୍ରାମବାସୀ ଆପତ୍ତି ଜଣାଇ ନ୍ୟାୟ ପାଇବେ ଏଥିପାଇଁ ସଭା ଡକା ଯାଇଥିଲା । ଜମିଦାରଙ୍କ ଅମାନୁଷିକ ଅତ୍ୟାଚାର ଓ ଶୋଷଣରୁ ସେମାନେ ମୁକ୍ତି ପାଇବେ ଏହି ଆଶା ଥିଲା ।

**୨. ମାଗୁଣି ସଭା କଥା ଶୁଣି କ'ଣ କଲା ?**

ଉ. ମାଗୁଣି ସେ ଦିନ ବିଲକୁ ହଳ କରିବାକୁ ଯାଇନଥିଲା । ଯାହା ସବୁ ଦେଖିଥିଲା ସେଥିରେ ତାର ମନରେ ଭୟ ପଶି ଯାଇଥିଲା । ଘରକୁ ଫେଣି ଆସି ନିଜକୁ ଝଡ଼ାଇ ନେଲା ଓ ମଝି ହାତରେ ଘୋଡ଼ା ବାଳରେ ଡେଉଁରିଆ ବାନ୍ଧିଲା । ସେଇ ଦିନ ହିଁ ଗାଁରେ ସଭା ଥିଲା । ସଭାରେ କଣ କୁହାଯିବ ଶୁଣିବା ପାଇଁ ମାଗୁଣି ସଭାରେ ପହଞ୍ଚି ସମସ୍ତଙ୍କ ପଛରେ ଚୁପ୍ ଚାପ ବସିଥିଲା ।

**୩. ଦେଶକର୍ମୀମାନେ ସଭାରେ କ'ଣ କହିଥିଲେ ?**

ଉ. ଦେଶକର୍ମୀମାନେ ରୟତକୁଳ ଓ କୃଷକକୁଳକୁ ସମ୍ବୋଧନ କରି କହିଥିଲେ ଏହି ପୁଞ୍ଜିବାଦ ତୁମକୁ ସର୍ବହରା କରିଛି । ତୁମର ନିଜର ବୋଲି ଦାବି କରିବାର କିଛି ନାହିଁ । ରୁଗଣ୍ ମୁମୂର୍ଷ ଓ ଦଳିତ ଆସ୍ତିତ୍ୱ ଛଡ଼ା ତୁମର କିଛି ନାହିଁ । ଏଣୁ ଏକତ୍ର ହୋଇ ଅମାନୁଷିକ ଶୋଷଣର ପ୍ରତିଶୋଧ ନିଅ । ନିଜକୁ ଶୋଷିତ ହେବାକୁ ଦେବା ପାପ । ଏହି ପାପର ଅଭିଶାପରେ ଜାତି ତୁମର ପଙ୍ଗୁ ହୋଇଯିବ । ତୁମ ହକ ଅଧିକାରକୁ ଦାବି କର । ରୟତ ସଂଘ ଗଠନ କର । ତୁମେ ସମସ୍ତେ ଏକତ୍ର ହେଲେ ହିଁ ପୁଞ୍ଜିବାଦ ଧ୍ୱଂସ ହେବ ।

**୪. ମାଗୁଣି ସଭାରେ ବସି ସବୁ ଶୁଣି ମଧ୍ୟ କିଛି କରି ପାରି ନଥିଲା କାହିଁକି ?**

ଉ. ମାଗୁଣି ସଭାରେ ବସି ଦେଶକର୍ମୀମାନଙ୍କ କଥା ଓ ଶୀର୍ଣ୍ଣକାୟ ବ୍ୟକ୍ତିର କଥା ଶୁଣିଥିଲା । ଗ୍ରାମବାସୀଙ୍କ ମନରେ ଦେଖା ଦେଇଥିବା ସନ୍ଦେହକୁ ମଧ୍ୟ ବୁଝି ପାରିଥିଲା ସଭାରେ ଘଟିଥିବା ଘଟଣା ଯେ ଯୋଜନା ବଦ୍ଧ ଏହା ମଧ୍ୟ ଜାଣି ଥିଲା । ଛାଇ ଦୁଇଟିର କଥାବାର୍ତ୍ତା ତାର ମନେ ପଡ଼ିଥିଲା । ଦ୍ୱିତୀୟ ଛାଇ ଶୀର୍ଣ୍ଣକାୟ ବ୍ୟକ୍ତିଙ୍କରଠାରୁ ଦେଢ଼ଶହ ଟଙ୍କା ଦେଇ କାଣି ଆଙ୍ଗୁଠି କିଣିଥିଲା । ଶୀର୍ଣ୍ଣକାୟ ବ୍ୟକ୍ତି ଜମିଦାରଙ୍କୁ ସମର୍ଥନ କରିବାକୁ ଯାଇ ଲୋକଙ୍କ ଆଗରେ ନିଜ

କାଣି ଆଙ୍ଗୁଠି କାଟି ସଚ୍ଚା ପଣର ପରିଚୟ ଦେଇଥିଲେ। ମାଗୁଣି ବର୍ତ୍ତମାନ ସବୁ କଥା ବୁଝି ପାରିଥିଲା। ସେ ଏଇ କଥାରେ ଜଣେ ମାତ୍ର ସାକ୍ଷୀ ଥିଲା। ସେ ଯଦି ସତ କଥା କହେ ତେବେ ଲୋକେ ତା କଥା ବିଶ୍ୱାସ କରିବେ ନାହିଁ, ଚାହିଁଥିଲେ ସେ ଜମିଦାରଙ୍କ ଅସଲ ରୂପର ପରିଚୟ ଦେଇପାରିଥାଆନ୍ତେ କିନ୍ତୁ କଣ କରିବ ? ତାକୁ ସମର୍ଥନ କଲାବାଲା କେହି ନାହାଁନ୍ତି। ସେଥିପାଇଁ ସେ କିଛି କରିପାରିନଥିଲା।

<u>ନୀଳ ମାଷ୍ଟରାଣୀ</u>

**Extract - 1**

ଲଜ୍ଜା ଅପମାନ ତା'ମୁଣ୍ଡ ଉପରେ ଏତେ ଭାରଦେଲେ ଯେ, ପିଠିଲେ ମଇଳା ଲୁଗାଇ ଭାର ନ ଥାଇ ମଧ୍ୟ ସେ ସବୁବେଳେ ମୁଣ୍ଡପୋତି ରହିଲା। ଯୁବତୀ ଏତିକିବେଳେ ମଇଳା ଲୁଗା ଭିତରୁ ମୁହଁ ଟେକି କାତର ଭାବରେ କାହାର ଆଶ୍ରୟ ନେବ ବିଚାରି ଉଠିବସି ଦେଖେ ତ ସେ ହେଉଛି ସେହି ଅତୀତର ନୀଳ ମାଷ୍ଟରାଣୀ।

**୧. ନୀଳ ସୁବବେଳେ ମୁଣ୍ଡପୋତି ରହେ କାହିଁକି ?**

ଉ. ନୀଳ ସବୁବେଳେ ମୁଣ୍ଡ ପୋତି ରହେ। ତାର ଭାଗ୍ୟ ଏମିତି ଯେ ଜାତି ଗଲା, କିନ୍ତୁ ପେଟ ପୂରିଲା ନାହିଁ। ବ୍ରାହ୍ମଣ ଘର ଝିଅ ଧୋବା ସାଙ୍ଗରେ ଚାଲିଗଲା, କିନ୍ତୁ ସୁଖ, ଶାନ୍ତି ପାଇଲା ନାହିଁ। ବରଂ କେବଳ ନିନ୍ଦା ଅପମାନ ଭୋଗିଲା। ତେଣୁ ସେ ସବୁବେଳେ ମୁଣ୍ଡ ପୋତି ରହେ।

**୨. ତା' ଲଜ୍ଜାର ବିଶେଷ କାରଣ କ'ଣ ?**

ଉ. ସେତେବେଳେ ଜାତି ବାରଣ ବହୁତ କଡ଼ାକଡ଼ି ଥିଲା। ଧୋବାମାନେ ସବର୍ଣ୍ଣଙ୍କ ନିକଟରେ ଅସ୍ପୃଶ୍ୟ ଥିଲେ। ନୀଳ ବାଲ୍ୟ ବିଧବା ହେଲେବି ତା' ବାପା ତାଙ୍କୁ ଶିକ୍ଷିତା କରାଇ ଶିକ୍ଷୟତ୍ରୀ କରାଇ ସାମାଜିକ ପ୍ରତିଷ୍ଠା ଦେଇଥିଲେ। କିନ୍ତୁ ସେ ମଦନା ଧୋବା ସହିତ ଚାଲିଯିବା ତା' ଜୀବନରେ ଲଜ୍ଜାର କାରଣ ହେଲା।

**୩. ମଇଳା ଲୁଗାର ଭାର ତା' ଜୀବନରେ କାହିଁକି ଆସିଲା ?**

ଉ. ନୀଳ, ମଦନା ସେଠୀ ଘରେ ରହିବା ପରଠାରୁ ତାକୁ ମଦନାର କୌଳିକ ବୃତ୍ତି ମାନିବାକୁ ହେଲା। ଗାଁ ଯାକର ମଇଳା ଲୁଗା କାଚୁକାଚୁ ନୀଳ ମାଷ୍ଟରାଣୀ ହେଇଗଲା ନୀଳ ଧୋବଣୀ। ତେଣୁ ମଇଳା ଲୁଗାର ଭାର ତା' ଜୀବନରେ ଆସିଲା।

**୪. ଅତୀତର ସ୍ମୃତି ତାକୁ କ୍ଷତାକ୍ତରେ କାହିଁକି ?**

ଉ. ସେ ପିଲାଦିନୁ ମା' ଛେଉଣ୍ଡ ଥିଲା। ବାପା କେତେ କଷ୍ଟରେ ପିଲା ଦୁହିଁଙ୍କୁ ମଣିଷ କରିଛ। କେତେ ଆଶା ଓ ବିଶ୍ୱାସ ରଖିଥିଲେ। କ୍ଷଣିକ ମୋହରେ ସେ ମଦନା ସେଠୀ ସହିତ ଆସିଲା ସତ; ସୁଖ, ଶାନ୍ତି କିଛି ପାଇଲା ନାହିଁ ବରଂ ନିଜର ସାମାଜିକ ସମ୍ମାନ ଗଲା। ଛୋଟ ଭାଇଟି ମଧ୍ୟ ଦୂର ହୋଇଗଲା। ଏହି କଥାସବୁ ଭାବିଭାବି ଅତୀତର ସ୍ମୃତି ତାକୁ କ୍ଷତାକ୍ତ କରିଦିଏ।



**Extract - 2**

ସେଦିନ ଗଲା। ଭାଇର ଭୋଜିଘର କଥା ଭାବି ଭାବି 'ନୀଳମାଷ୍ଟରାଣୀ' ତା' ଆରଦିନ ତୁଠକୁ ଗଲାନାହିଁ। ଭାଉଜର ବଉଳପାଟ ପଡ଼ିଶାଘର ବୋହୂ କାଚିକରି ଦେବାକୁ ଆଣିଥିଲା। ନୀଳମାଷ୍ଟରାଣୀ କାକୁତି ମିନତି ହୋଇ କହିଲା– "ମୁଁ କାଚି ଦେବି ଲୋ, କାଚିଦେବି ! ମୋ ଭାଉଜର ବଉଳପାଟ ମୋତେ ଦିଅ, ମୁଁ ଧୋଇ ଆଣିବି।" ସେୟା ହେଲା।

**୧. ନୀଳକୁ ତା' ଭାଇ ବାହାଘରରେ ନିମନ୍ତ୍ରଣ ଦେଲାନାହିଁ କାହିଁକି ?**

ଉ. ସମୟ ଗଡ଼ି ଗଲା। ନୀଳର ସାନଭାଇ ବଡ଼ ହେଲା। ତାର ବାହାଘର ହେଲା। କିନ୍ତୁ ସେ ତାର ନାନୀକୁ ନିମନ୍ତ୍ରଣ କରିଲା ନାହିଁ। ସାମାଜିକ ଜାତିଆଣରେ ବ୍ରାହ୍ମଣ ଓ ଧୋବାରେ ଆକାଶ ପାତାଳ ପ୍ରଭେଦ। ସେଥିପାଇଁ ନୀଳକୁ ତା' ଭାଇ ବାହାଘରକୁ ଡାକିଲା ନାହିଁ।

**୨. ଭାଉଜର ପାଟ ନୀଳ କାହିଁକି ଆଣିଥିଲା ?**

ଉ. ନୀଳ ଭାଇ ବାହାଘରକୁ ଯାଇପାରିଲା ନାହିଁ। 'ବଉଳ ପାଟ' ବାହାଘରରେ ଅତି ଜରୁରୀ ଜିନିଷ। ନୀଳ ଭାବିଲା ବଉଳ ପାଟ ରଖିଦେଲେ ତା' ଭାଇ ବାଧ୍ୟ ହୋଇ ତା' ପାଖକୁ ଆସିବ। ତେଣୁ ସେ ପଡ଼ିଶା ଘର ବୋହୂଠାରୁ ଭାଉଜର ପାଟ ଆଣି ରଖିଦେଲା।

**୩. ଲୁଗା ସଫା କରିଦେଇ ସେ ଫେରାଲା ନାହିଁ କାହିଁକି ?**

ଉ. ଲୁଗାଟି ସଫାକରି ଫେରାଇଦେଲେ ତା ପାଟଟି ଭାଇ ଘରେ ପହଞ୍ଚିଯିବ। ତେବେ ଭାଇ ଆସିବ ନାହିଁ। ଏଇ କଥା ଭାବି ସେ ପାଟଟି ସଫାକଲା ସତ, କିନ୍ତୁ ଯେଉଁ ପଡ଼ିଶା ଘରୁ ମାଗି ଆଣିଥିଲା, ତାକୁ ଆଉ ଫେରାଇଲା ନାହିଁ।

**୪. ବର୍ଣ୍ଣବୈଷମ୍ୟ ବ୍ୟକ୍ତିକୁ ଗଭୀର ଆଘାତ ଦିଏ– ଏ ଗପକୁ ଆଧାର କରି ଲେଖ।**

ଉ. ଏ ଗପରେ ଜାତିଆଣ ଭାବ ଉତ୍କଟ ଭାବରେ ପ୍ରଦର୍ଶିତ ହୋଇଛି। ନୀଳ ଧୋବାଘରେ ଯାଇ ରହିବାରୁ ଲୋକ ଅପବାଦ ହେଲା। ମଇଳା ଲୁଗା ଗଣ୍ଠିଲି ତାର ଜୀବନକୁ କ୍ଷତାକ୍ତ କରିଦେଲା।

ଭାଇଭଉଣୀ ଅଲଗା ହୋଇଗଲେ। ନିଜ ପରିବାର, ସାହି ପଡ଼ିଶା, ଗାଁ ଲୋକ ତାକୁ ଛି' ଛାକର କଲେ। ତା' ଜୀବନ ଏକପ୍ରକାର ଶେଷ ହୋଇଗଲା।

**Extract - 3**

ଭାଇ ଫେରିଯାଇ ଆନନ୍ଦ-ମୁଖରିତ ତା'ର ସେହି କୁଡ଼ିଆ ଭିତରେ ଆଲୁଅରେ ଦେଖିଲା– କାହାର ଲୁହ ତା' ହାତରେ ଲାଗିଛି, କାହା ସ୍ନେହର ସ୍ପର୍ଶ ତାକୁ ବିଚଳିତ କରିପକାଇଛି, କାହାର ଅନୁତାପ ବାଣୀ ତା' ପ୍ରାଣକୁ ମନ୍ଥି ପକାଉଛି।

ବଉଳପାଟ ଭାଇ ହାତରେ ଦେଖି ସମସ୍ତେ ହେଲେ ଅବାକ୍।

୧. **ଭାଇ କିଏ ? ସେ କେଉଁଠାରୁ ଫେରିଗଲା ?**

ଉ. ଏଠାରେ ନୀଳର ସାନଭାଇ କଥା କୁହାଯାଇଛି। ସେ ତା' ବାହାଘରର ବଉଳ ପାଟ ନେଇ ନୀଳ ଘରୁ ତାର ନିଜ ଘରକୁ ଫେରିଗଲା।

୨. **ତା କୁଢ଼ିଆ ଆନନ୍ଦ ମୁଖର ଥିଲା କାହିଁକି ?**

ଉ. ସେଦିନ ତାର ବାହାଘର ଥିଲା। ବନ୍ଧୁବାନ୍ଧବ ଜମିଥିଲେ। ହସ, ଖେଳ ଆନନ୍ଦରେ ଯାଇଥିଲା।

୩. **କିଏ କାହିଁକି ଅନୁତାପ କରିଛନ୍ତି ?**

ଉ. ଏ ଅନୁତାପ ନୀଳର। ଆଗେ ମା'ପରେ ବାପା ମରିଯିବା ପରେ ସେ ଓ ତା'ର ସାନଭାଇ ରହୁଥିଲେ। କ୍ଷଣିକ ମୋହର ସୁଖର ସ୍ୱପ୍ନ ଦେଖି ସେ ଘର ଛାଡ଼ିଦେଇ ଧୋବା ସାହିରେ ରହିଲା। ସେଠାରେ ତାକୁ ସୁଖ, ନା ଶାନ୍ତି, ନା ସମ୍ମାନ କିଛି ମିଳିଲା ନାହିଁ। ବରଂ ଭାଇଠାରୁ ଅଲଗା ହେବାର ଦୁଃଖ। ତେଣୁ ସେ ଅନୁତାପ କରୁଥିଲା।

୪. **ସମସ୍ତେ ଭାଇକୁ ଦେଖି ଅବାକ୍ ହେଲେ କାହିଁକି ?**

ଉ. ସମସ୍ତେ ଶୁଣିଥିଲେ ନୂଆବୋହୂର ବଉଳ ପାଟ ଧରି ବସିଛି ଏବଂ ଭାଇ ନ ଆସିଲେ ଦେବ ନାହିଁ ବୋଲି ଜିଦ୍ ଧରୁଛି। ଭାଇ ତ ଧୋବା ସାହିକୁ ଯିବନାହିଁ। ବଉଳ ପାଟ ନ ମିଳିଲେ ବାହାଘରର ବାକି କାମ ହୋଇପାରୁନାହିଁ। ତେଣୁ ଚିନ୍ତା ପଡ଼ିଥିଲା।

ଭାଇ କିନ୍ତୁ ଆସିଲା। ବଉଳ ପାଟ ବାହାନାରେ ଅଭିମାନ କରି ବସିଥିବା ନାନୀ ପାଖକୁ ସେ ଆସିଲା। ପାଟ ନେଇ, ନାନୀକୁ ଭେଟି ସେ ଫେରିଗଲା। ସମସ୍ତେ ଭାଇ ହାତରେ ପାଟ ଦେଖି ଆଶ୍ଚର୍ଯ୍ୟ ହେଲେ।

## ବନ୍ଦୀର ବିରହ ବ୍ୟଥା

**ଉତ୍କଳମଣି ଗୋପବନ୍ଧୁ ଦାସ**

**Extract - 1**

"ରବି ଲାସ୍ୟହାସେ ପ୍ରକଟେ ଗୁରୁ ବିଷାଦ-ରେଖା,
ଅନୁଭବୀ ନେତ୍ରେ କେବଳ ସିନା ଯାଏ ସେ ଦେଖା,
ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ,
ପ୍ରୀତିପାଶେ ବନ୍ଧା ଜଗତେ ସର୍ବେ ଜଡ଼ ଚେତନ।"

୧. **ସୂର୍ଯ୍ୟାସ୍ତ ସମୟରେ ପୂର୍ବ ଦିଗ୍‌ବଳୟ କବିଙ୍କୁ କିପରି ଆକୃଷ୍ଟ କରିଛି ?**

ଉ. ସୂର୍ଯ୍ୟ ଅସ୍ତ ଯାଇଛନ୍ତି। ପଶ୍ଚିମ ଦିଗ୍‌ବଳୟରୁ ରବି ଧୀରେ ଧୀରେ ବିଦାୟ ନେଉଛନ୍ତି। ପୂର୍ବ ଆକାଶ କିନ୍ତୁ ଆସନ୍ତା ମିଳନ ଆଶାରେ ଉଲ୍ଲସିତ। କାରଣ ପ୍ରଭାବ ହେବ ଯେତେବେଳେ ସୂର୍ଯ୍ୟ ପୂର୍ବ ଦିଗନ୍ତରୁ ଉଜ୍ଜ୍ୱଳ ଆଭା ନେଇ ଉଦୟ ହେବେ। କିନ୍ତୁ ଏ ମଧ୍ୟରେ ଏକ ଚିରନ୍ତନ ସତ୍ୟ ପ୍ରକାଶ ପାଉଛି। ତାହାହେଲେ କୌଣସି ମିଳନ କିମ୍ବା ବିରହ ଚିରଦିନ ପାଇଁ ନୁହେଁ।



୨. **ରବିଙ୍କ ଲାସ୍ୟରେ ବିଷାଦ ରେଖା କ'ଣ ?**

ଉ. ପଶ୍ଚିମକୁ ସୂର୍ଯ୍ୟ ଯେମିତି ହସି ହସି ବିଦାୟ ଜଣାଉଛନ୍ତି ପୂର୍ବକୁ ମଧ୍ୟ ସେମିତି ମଧୁର ହସରେ ସ୍ୱାଗତ କରୁଛନ୍ତି। କବି କହୁଛନ୍ତି ଏହି ମିଳନ ଓ ବିରହ ଏକ ଚିରନ୍ତନ ସତ୍ୟ। ଦୁଃଖ ପରେ ସୁଖ ପରେ ଦୁଃଖ ନିଶ୍ଚୟ ଆସିବ। ଏକଥା କେବଳ ଜଣେ ଅନୁଭବ ଭଲରେ ବୁଝିପାରିବ।

୩. **ଏଠାରେ 'ପ୍ରିୟଜନ' କାହାକୁ ଲକ୍ଷ୍ୟ କରାଯାଉଛି ?**

ଉ. କବିଙ୍କ ପ୍ରିୟଜନ କେବଳ ତାଙ୍କ ପରିବାର ନୁହଁନ୍ତି। ସ୍ୱାଧୀନତା ସଂଗ୍ରାମୀ ସଂଘ ତାଙ୍କ ପ୍ରକୃତ ପରିବାର। ବନ୍ଦୀଶାଳାରେ ରହି ବାହାର ଦୁନିଆରେ କିଛି ସମ୍ବାଦ ସେ ପାଉନାହାନ୍ତି। ତାଙ୍କୁ ବ୍ୟାକୁଳ ଲାଗୁଛି। ସେତେବେଳେ ସେ ଅନୁଭବ କରୁଛନ୍ତି। ହୁଏତ ସୂର୍ଯ୍ୟଙ୍କ ବିରହରେ ପୂର୍ବ ଓ ପଶ୍ଚିମ ଦିଗ୍‌ବଳୟ ଏହିପରି ଦୁଃଖୀ ହେଉଥିବେ।

୪. **ଗୋପବନ୍ଧୁ ଏହି କବିତା ରଚନା ସମୟରେ କେଉଁଠି ଥିଲେ ? କାହିଁକି ?**

ଉ. ଉତ୍କଳମଣି ଗୋପବନ୍ଧୁ ଦାସ ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମ ଥିଲେ। ଇଂରେଜମାନେ ସେତେବେଳେ ଦେଶପ୍ରେମୀ ନେତାମାନଙ୍କୁ ବାଛି ବାଛି ଜେଲରେ ବନ୍ଦୀକରି ରଖୁଥିଲେ। ବାହାର ଦୁନିଆରେ କାହା ସହିତ ସାକ୍ଷାତ କରିବା ଦୂରର କଥା କିଛି ଖବର ଜାଣିବା ମଧ୍ୟ ସମ୍ଭବ ହେଉନଥିଲା। ହଜାରିବାଗ ଜେଲରେ ବନ୍ଦୀଥିବା ବେଳେ ସେ 'କାରା କବିତା' ନାମକ ଯେଉଁ କବିତା ପୁସ୍ତକ ଲେଖିଥିଲେ ଏହି କବିତାଟି ତାହାରି ଅଂଶ।

**Extract - 2**

ତାଙ୍କ ଶିରେ ସୂର୍ଯ୍ୟ ଦିଅନ୍ତି ହେମବରଣୀ ପାଟ
ଅନୁରକ୍ତ ଭୃତ୍ୟ ମସ୍ତକେ ଯଥା ବାନ୍ଧେ ସମ୍ରାଟ

୧. **କବିତାଟି କେଉଁ ମୂଳ କବିତାରୁ ଗୃହୀତ ? କବି କେଉଁଠାରେ ରହି କବିତାଟି ଲେଖିଛନ୍ତି ?**

ଉ. କବିତାଟି କାରା କବିତାରୁ ଗୃହୀତ। କବି ବନ୍ଦୀ ଅବସ୍ଥାରେ ଥିବା ସମୟରେ ଏହି କବିତାଟି ଲେଖିଛନ୍ତି।

୨. **ସୂର୍ଯ୍ୟ କାହା ମସ୍ତକରେ ହେବମରଣୀ ପାଟ ପିନ୍ଧାନ୍ତି ?**

ଉ. ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ପାହାଡ଼ ଓ ବୃକ୍ଷ ମାନଙ୍କର ଅଗ୍ର ଭାଗରେ ପଡ଼ିଥାଏ ଲାଗେ ସୂର୍ଯ୍ୟ ଯେପରି ସେମାନଙ୍କୁ ପାଟର ପଗଡ଼ି ବାନ୍ଧି ସମ୍ମାନ ଦିଅନ୍ତି, ଯେପରି ରାଜା ତାଙ୍କର ବିଶ୍ୱସ୍ତ ଦାସଙ୍କୁ ଦେଇଥାନ୍ତି।

୩. **କାହିଁକି ସୂର୍ଯ୍ୟ କାହାର ମସ୍ତକରେ କାହିଁକି ପାଟ ପିନ୍ଧାଇ ସମ୍ମାନିତ କରନ୍ତି ?**

ଉ. ସୂର୍ଯ୍ୟାସ୍ତ ସମୟରେ ବୃକ୍ଷ ପାହାଡ଼ର ଛାୟା ବିସ୍ତାରି ହୋଇଥାଏ। ଏହି ଲମ୍ୱ ଛାୟା ଗୁଡ଼ିକୁ ଦେଖିଲେ ମନେହୁଏ ସୂର୍ଯ୍ୟଙ୍କର ବିଦାୟ ସଭାରେ ଯେପରି ସେମାନେ ନିଜ ନିଜର ଛାୟା ବିସ୍ତାର କରି ସୂର୍ଯ୍ୟଙ୍କୁ ପ୍ରଣାମ କରୁଛନ୍ତି।

**୪. ଆକାଶରେ କାହାର ବିଦାୟ ସଭାର ଆୟୋଜନ ଚାଲିଥିଲା ? ଏଠାରେ କେଉଁମାନେ ବିଦାୟ ସଂଗୀତ ଗାଉଥିଲେ ?**

ଉ. ସୂର୍ଯ୍ୟ ପୂର୍ବ ଦିଗ ଛାଡ଼ି ପଶ୍ଚିମ ଦିଗକୁ ଯିବେ ବୋଲି ତାଙ୍କର ବିଦାୟର ଆୟୋଜନ ଆକାଶରେ ଚଲିଥିଲା । ପକ୍ଷୀମାନେ ଉଚ୍ଚସ୍ୱରରେ ଗୀତ ଗାଇ ସନ୍ଧ୍ୟା ସମୟରେ ବସାକୁ ଫେରୁଥିଲେ ଲାଗୁଥିଲା ଯେପରି ସେମାନେ ବିଦାୟ ସଂଗୀତ ଗାଉଛନ୍ତି ।

**Extract - 3**

ଯମଦୂତ ହୃଦେ କରୁଣା କାହିଁ ବସିବ ତିଳେ ?
ଅଧିକ ନକହି ମର୍ଯ୍ୟାଦା ଜଗି ପଶିବ ବିଳେ ।

**୧. ଉକ୍ତ କବିତାଟି କେଉଁ ମୂଳ କବିତାରୁ ଆନୀତ ? କବି କେଉଁଠାରେ ଥିବା ସମୟରେ ଏହି କବିତା ଲେଖିଛନ୍ତି ?**

ଉ. କବିତାଟି "କାରା" କବିତାରୁ ଗୃହୀତ, କବି ବନ୍ଦୀ ଥିବା ଅବସ୍ଥାରେ ଏହି କବିତାଟିକୁ ଲେଖିଛନ୍ତି ।

**୨. କବିତାଟି ଲେଖିବା ସମୟରେ କେଉଁ ଋତୁ ଥିଲା ଓ କେଉଁ ସମୟରେ ବର୍ଣ୍ଣନା କରାଯାଇଛି ?**

ଉ. କବିତାଟି ବସନ୍ତ ଋତୁରେ ଲେଖାଯାଇଛି ଏବଂ ଏହା ଏକ ସୁନ୍ଦର ଦିବସର ସୂର୍ଯ୍ୟାସ୍ତ ସମୟର ବର୍ଣ୍ଣନା କରାଯାଇଛି ।

**୩. କାହାକୁ କବି ଯମଦୂତ ବୋଲି କାହିଁକି କହିଛନ୍ତି ?**

ଉ. ବନ୍ଦୀଶାଳାର ସିପାହିକୁ ଗୋପବନ୍ଧୁ ଦାସ ଯମଦୂତ ବୋଲି କହିଛନ୍ତି, ଯମଦୁତ କୁ ଯେତେ ମିନତି କଲେ ମଧ ସେ ଯେପରି ପ୍ରାଣକୁ ଛାଡ଼ି ଯାଏ ନାହିଁ ସେହିପରି କାରାଗାରର ସିପାହି– କବି କୋଠରୀ ଭିତରକୁ ଗଲେ ଦ୍ୱାର ବନ୍ଦ କରିବ ବୋଲି କଟାଳ କରୁଥିଲା ।

**୪. "ବିଳ" କହିଲେ କ'ଣ ବୁଝ ? ଏଠାରେ କବି ବିଳ ଶବ୍ଦଟିକୁ କାହିଁକି ବ୍ୟବହାର କରିଛନ୍ତି ?**

ଉ. "ବିଳ" କହିଲେ ସାପର ଗାତକୁ ବୁଝୁ । ଏଠାରେ କବି ଗୋପବନ୍ଧୁ ଦାସ କାରାଗାରର ନିୟମ ଅନୁସାରେ ସୂର୍ଯ୍ୟାସ୍ତର ଦୃଶ୍ୟ କାରା ପ୍ରାଙ୍ଗଣରେ ରହି ଦେଖୁଥିଲେ ବିଛେଦ ଦୁଃଖକୁ କ୍ଷଣ କାଳ ପାଇଁ ସାନ୍ତ୍ୱନା ପାଉଥିଲେ । କାରାଗାରର ସିପାହିକୁ ଟିକେ ସମୟ ଛାଡ଼ିବା ପାଇଁ ଅନୁରୋଧ ସେ କରୁଥିଲେ ଅଥଚ ସେ ଶୁଣୁ ନଥିଲା ତେଣୁ ସେ ନିଜର ମର୍ଯ୍ୟାଦାକୁ ରକ୍ଷାକରି ବରଂ ସାପଗାତର ବିଳଭଳି ନିଜର ବନ୍ଦୀ କୋଠରୀକୁ ଫେରିଯିବା ଉଚିତ ମନେକଲେ ।



## ଗ୍ରାମପଥ

**Extract - 1**

ଦୂରେ ତାଳବଣ ଆକେ ଶୁଣାଏ
ମାଟିର କବିତା କି ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ ।

**୧. ତାଳବଣ କାହାକୁ କ'ଣ ଶୁଣାଏ ?**

ଉ. ଗ୍ରାମର ତାଳବଣ ଦୂର ଦିଗ୍‌ବଳୟରେ ଦେଖାଯାଏ । ସେମାନଙ୍କ ବାହୁଙ୍ଗା ହାତ ବିସ୍ତାର କରି ଆକାଶକୁ ସ୍ପର୍ଶ କଲା ପରି ମନେ ହୁଏ । ପବନର ସ୍ପର୍ଶରେ ଦୋହଲୁଥିବାଠାରୁ ଆକାଶ ଛୁଆଁ ତାଳଗଛର ବାହୁଙ୍ଗା ଗାଁ ମାଟିର ଅପୂର୍ବ ସଂଗୀତ ଶୁଣାଇଥାଏ । ମନେହୁଏ ଏହି ସଂଗୀତର ମୂର୍ଚ୍ଛନାରେ ତାଳବଣ ଆଜି ମୁଗ୍‌ଧ । ସେ ଭୂମିର, ତା ମାଟିର ସୁଖ, ଦୁଃଖର ଗୀତ ଆକାଶକୁ ଶୁଣାଏ । ସତେ ଯେପରି ସେ ମାଟି ଆଉ ଆକାଶର ସଂଯୋଗ ରେଖା ।

**୨. ମାଟିର କବିତା କ'ଣ ?**

ଉ. ଗାଁ ମାଟିର କଥା ସବୁକୁ କବିତା ଆକାରରେ ପ୍ରକାଶ କରି ତାଳଗଛ ବାହୁଙ୍ଗ ସାହାଯ୍ୟରେ ଆକାଶକୁ ଶୁଣାଏ । ଗାଁର ଗୌରବ ସୁନାମ ବ୍ୟାପିଲେ ତାହାକୁ ଗାଁ ମାଟିର, ମାଟିର କବିତା କୁହାଯାଏ । ଗାଁର ସଂସ୍କୃତି, ପରମ୍ପରା, ପ୍ରକୃତ ଗ୍ରାମ୍ୟଜୀବନ ଇତ୍ୟାଦି ଏହି କବିତାରେ ସ୍ଥାନ ପାଇଥାଏ । ଗାଁ ଭୂଇଁର ସୁଖଦୁଃଖ ଗାନ କରିବା ହିଁ ମାଟିର କବିତା ଅର୍ଥାତ୍ ଗାଁ ମାଟିର କବିତା ।

**୩. କବିତାରେ ଗ୍ରାମର ଦୃଶ୍ୟ କିପରି ବର୍ଣ୍ଣନା କରାଯାଇଛି ?**

ଉ. କବିତାରେ ଗ୍ରାମ୍ୟ ଦୃଶ୍ୟ ଅତି ମନୋଜ୍ଞ ଶୈଳୀରେ ବ୍ୟାଖ୍ୟା କରାଯାଇଛି । ଗାଁର ଅଙ୍କାବଙ୍କା ରାସ୍ତା କ୍ଷେତ, ବେଣାଘାସରେ ପୂର୍ଣ୍ଣ ଜଟିଳା ପାଟକୁ ଅତିକ୍ରମ କରି ଦୂରଦିଗ୍‌ବଳୟକୁ ମାଡ଼ି ଯାଇଛି । ତାଳବଣର ତାଳ ଗଛ ଗୁଡ଼ାକ ପବନରେ ଦୋହଲି ଗାଁ ମାଟିର ପ୍ରଶଂସା ଗୀତ ଗାଉଛି ସେପଟେ ମାମୁଁ ଘର ଗାଁ, ପଥର ଏପଟ ହରଡ଼ ବୁଟ ବୁଣାଯାଇଛି । ଚାରଣ ପଡ଼ିଆ ପାଖରେ ଶିମୁଳି ଗଛ ଶାଖାରେ କପୋତୀ ବାହୁନୁଛି, ଗାଈ ଗୋଠର ଦୃଶ୍ୟ ପୁଣି ଗୋପାଳ ବାଳକର ମଧୁର ମୁରଲୀ ସ୍ୱର ଗ୍ରାମର ପ୍ରାକୃତିକ ଦୃଶ୍ୟକୁ ଆହୁରି ମନୋମୁଗ୍‌ଧକର କରିଦେଉଛି ।

**୪. କାହାର ମାମୁଁ ଘର କେଉଁଠି ଦେଖାଯାଏ ?**

ଉ. ଏଠାରେ କବିଙ୍କର ମାମୁଁ ଘର କଥା କୁହାଯାଇଛି । ତାଙ୍କ ଗାଁର କ୍ଷେତ, ପୁଣି କାଶତଣ୍ଡି ଫୁଲର ସୌନ୍ଦର୍ଯ୍ୟ ଜଟିଳାପାଟର ଶୋଭାକୁ ବଢ଼ାଇଥାଏ । ବେଣାଘାସରେ ପୂର୍ଣ୍ଣ ଜଟିଳା ପାଟ ପାରିଦେଲେ ବଣ ଦେଖାଯାଏ । ବଣ ପାରି ହେଲେ ହିଁ ତାଙ୍କ ମାମୁଁ ଘର ଦେଖାଯାଏ । ଏପରି କହିବାର ଅର୍ଥହେଲା, ସବୁ ବୟସର ପିଲାମାନଙ୍କର ମାମୁଁଘର ଅତି ପ୍ରିୟ । ସେଠାରେ ଅଫୁରନ୍ତ ସ୍ନେହ ମିଳିଥାଏ ।

**Extract - 2**

ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କି ପାଇଁ ଏ ବିଧାନ କଲା କୁହ ।

**୧. କାହାର ଛାତି କାହିଁକି ଫାଟିଯାଏ ?**

ଉ. ଗାଁ ଝିଅ ଯେତେବେଳେ ଶାଶୁ ଘରକୁ ଯାଏ ସେତେବେଳେ ତାର ଦୁଃଖଭରା କ୍ରନ୍ଦନରେ ଶ୍ରୋତାର ଛାତି ଫାଟିଯାଏ । ଗ୍ରାମପଥରେ ତାର ବାରମ୍ବାର ଚେତନାକୁ ଆସି ଆଖିରୁ ଲୁହ ଝରାଇ ଥାଏ । ଗ୍ରାମପଥ ଏଇ ଛାତିଫଟା କ୍ରନ୍ଦନର ଦୃଶ୍ୟ ଦେଖେ କିନ୍ତୁ ସାନ୍ତ୍ୱନା ପାଇଁ ତା ପାଖରେ ଭାଷା ନଥାଏ । ଅଜଣା ଗାଁର ଅପରିଚିତ ଲୋକ ସହିତ ଜୀବନ କଟାଇବାରେ ଆତଙ୍କ ତା' ଆଖିରୁ ଲୁହ ଝରାଏ ।

**୨. କେତେବେଳେ ବିଧାତାଙ୍କ ବିଧାନକୁ ପ୍ରଶ୍ନ କରାଯାଇଛି ?**

ଉ. ପର ଗାଁ ଝିଅ ଯେତେବେଳେ ବୋହୂ ସାଜି ଏ ଗ୍ରାମକୁ ଆସେ ପୁଣି ଏ ଗ୍ରାମରେ ଝିଅ ଯେତେବେଳେ ଶାଶୁ ଘରକୁ ଯାଏ ସେତେବେଳେ ବିଧାତାଙ୍କ ବିଧାନକୁ ନେଇ ପ୍ରଶ୍ନ କରାଯାଏ । ଏହା ହେଉଛି ବିଧାତାଙ୍କ ସୃଷ୍ଟିର ନିୟମ । ଯେଉଁ ଗାଁରେ ସେ ହସି ଖେଳି ବଢ଼ିଥିଲା ସେଇ ଗାଁ ତା ପାଇଁ ପର ହୋଇଯାଏ । ଆଖିରେ ଲୁହରେ ମା'ର ପଣତ କାନି ଭିଜି ଯାଏ । ବିଦାୟର ଦୁଃଖଦ ମୁହୂର୍ତ୍ତ ଗ୍ରାମପଥକୁ ମଧ୍ୟ ଅଶ୍ରୁଳ କରିଦିଏ । ନିଜ ଗାଁ ମାଟି ଝିଅଟିଏ ପାଇଁ ବିବାହ ପରେ ସ୍ମୃତି ପାଲଟିଯାଏ । ଇତିହାସ ହୋଇଯାଏ । ତେଣୁ ବିଧାତା କାହିଁକି ଏପରି ବିଧାନ କଲେ ବୋଲି ପ୍ରଶ୍ନ କରାଯାଇଛି ।

**୩. କିଏ କାନ୍ଦେ, କାହିଁକି ?**

ଉ. ଗାଁ ଝିଅ ଶାଶୁ ଘରକୁ ଗଲାବେଳେ କାନ୍ଦେ । ଯେଉଁ ଗାଁରେ ତାର ଜନ୍ମ, ଯାହାର ପାଣି ପବନ ଧୂଳି ମାଟିରେ ଜଡ଼ିତ, ଯାହାର କୁଆଁରୀ ଜୀବନର ଅନେକ ସ୍ମୃତି ରହିଛି ସେହି ଗାଁକୁ ଶାଶୁଘରକୁ ବିଦାୟ ନେଲାବେଳେ ସେ ମନେ ପକାଇ କାନ୍ଦେ । ଅନୁଭବ କରେ ଆଜିଠୁ ଏ ଗାଁ ତାର ପର ହୋଇଗଲା । ସାଙ୍ଗସାଥୀଙ୍କ ମେଳ ଆଉ ନାହିଁ । ବାଲ୍ୟ ଜୀବନର ଲୀଳା ଖେଳା ସବୁ ଏଇଠି ରହିଗଲା । କେବେ ଦେଖା ହେବ ସେ ଜାଣେ ନା । ତେଣୁ ସେ ଲୁହ ଝରାଇ କାନ୍ଦେ ।

**୪. ଝିଅର ଶାଶୁଘରକୁ ବିଦାୟ ଦୃଶ୍ୟ ବର୍ଣ୍ଣନା କର ।**

ଉ. ଝିଅର ଶାଶୁଘର ବିଦାୟ ଦୃଶ୍ୟ ଗ୍ରାମକୁ ଏବଂ ଗ୍ରାମପଥକୁ କରୁଣ ରସରେ ଭରିଦିଏ । ଏଇ ଗାଁ ମାଟିରେ ଝିଅଟିର ଜନ୍ମ ତା'ର ପାଣି ପବନ ଧୂଳି ମାଟିରେ ଜଡ଼ିତ । ବାଲ୍ୟଜୀବନର ଧୂଳିଖେଳଠାରୁ ଆରମ୍ଭ କରି କିଶୋର ସମୟରେ ଚଞ୍ଚଳଭାବ, ଯୌବନର ଆନନ୍ଦ ଇତ୍ୟାଦି



ସବୁ କିଛି ଆଜି ବିଦାୟ ମୁହୂର୍ତ୍ତରେ ତାର ମନେ ପଡ଼ିଯାଏ । ସମସ୍ତଙ୍କୁ ଲୁହରେ ଭସାଇ ଦେଇ ଆପଣା ଗାଁକୁ ସାତପର କରି ଦେଇ ଝିଅଟି ଶାଶୁଘର ଯାଏ । ଗାଁରେ ବିତାଇଥିବା ପ୍ରତିଟି ମୁହୂର୍ତ୍ତ ତା ସ୍ମୃତିରେ ଜାଗିଉଠେ । କାନ୍ଦିକାନ୍ଦି ମା'ର ପଣତ କାନିକୁ ସେ ଭିଜାଇ ଦିଏ । ଏକ ଲୋତକ ଭରା ଆଖି ନେଇ ଝିଅ ସମସ୍ତଙ୍କଠାରୁ ବିଦାୟ ନିଏ ।

**Extract - 3**

ବନ୍ଦନା ତତେ କରଇଁରେ ଗ୍ରାମପଥ !
ଇଲାକ ବେଳର ସେ ମୋ ପ୍ରିୟ ସାଥି
ଅୟୁତ ଦଣ୍ଡବତ ।

**୧. କବି ଗ୍ରାମପଥକୁ କାହିଁକି ବନ୍ଦନା କରିଛନ୍ତି ?**

ଉ. କବି ଗ୍ରାମପଥକୁ ବନ୍ଦନା କରିଛନ୍ତି କାରଣ ଗ୍ରାମପଥ ତାଙ୍କ ବାଲ୍ୟ ଜୀବନର ପ୍ରିୟ ସାଥୀ । ନୀରବ ନିଶ୍ଚଳ ହୋଇ ପଡ଼ି ରହିଥିଲେ ମଧ୍ୟ ଗ୍ରାମପଥ ତାଙ୍କ ପିଲାଦିନର ଧୂଳି ଖେଳର ଏକମାତ୍ର ମୂକସାକ୍ଷୀ । ତାଙ୍କ ବାଲ୍ୟ ଜୀବନର ଅନେକ ଅଭୁଲା ସ୍ମୃତି ଏହି ଗ୍ରାମପଥରେ ରହିଯାଇଛି । ସୁଖରେ ପୁଣି ଦୁଃଖରେ ଗ୍ରାମପଥ ତାଙ୍କୁ ସହଯୋଗ କରିଛି । ତେଣୁ ସେ ତାକୁ ବନ୍ଦନା କରିଛନ୍ତି ।

**୨. ଗ୍ରାମପଥ ତାଙ୍କର ପ୍ରିୟ ସାଥୀ କିପରି ?**

ଉ. ଗ୍ରାମପଥ କବିଙ୍କ ବାଲ୍ୟ ସମୟରୁ ପ୍ରିୟ ସାଥୀ ହୋଇ ରହିଛି । ଏଇପଥରେ ସେ କେତେ ଖେଳିଛନ୍ତି, କେତେ ଡେଇଁଛନ୍ତି, ସୁଖ ଦୁଃଖକୁ କେତେ ବାଣ୍ଟିଛନ୍ତି, ଗ୍ରାମପଥ ତାଙ୍କ ସାଥେ ସାଥେ ରହି ସବୁ କ୍ଷେତ୍ରରେ ସାହାଯ୍ୟ କରିଛି । ବାଲ୍ୟଜୀବନର ଅଭୁଲା ସ୍ମୃତି ଏଇ ପଥରେ ସବୁଦିନ ପାଇଁ ରହିଯାଇଛି । ତେଣୁ ସେ ଏ ପଥକୁ ତାଙ୍କର ପ୍ରିୟ ସାଥୀ କହିଛନ୍ତି ।

**୩. କବି କାହାକୁ କାହିଁକି ଦଣ୍ଡବତ ଜଣାଇଛନ୍ତି ?**

ଉ. କବି ଗ୍ରାମପଥକୁ ଅୟୁତ ଦଣ୍ଡବତ ଜଣାଇଛନ୍ତି । ତାଙ୍କ ବାଲ୍ୟ ଜୀବନର ସମସ୍ତ ସ୍ମୃତି ଏଇ ଗ୍ରାମପଥରେ ଲେଖାଯାଇଛି । ପିଲାଦିନର ଧୂଳି ଖେଳରେ ଗ୍ରାମପଥ ତାଙ୍କର ପ୍ରିୟ ସାଥୀ ହୋଇଛି । ହସ ଖୁସିର ଲୀଳା ଖେଳାରେ ଗ୍ରାମପଥ ହସିଛି ପୁଣି ହସାଇଛି । ବାଲିଘର, ବାଗୁଡ଼ି ଖେଳ ପୁଣି ଦୌଡ଼ାଦୌଡ଼ିରେ ଗ୍ରାମପଥ ଉଚ୍ଛୁଳା ହସରେ ଫୁଲି ଉଠିଛି । ତାଙ୍କର ବାଳୁତ ଜୀବନ୍ତ ଗ୍ରାମପଥରେ ବିତିଥିବାରୁ ସେ ତାକୁ ଅୟୁତ ଦଣ୍ଡବତ କରି ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି ।

**୪. ତରୁଣ ଜୀବନର କେଉଁ କଥା କବି ମନେ ପକାଇଛନ୍ତି ?**

ଉ. ଗାଁ ମାଟି ହେଉଛି କବିଙ୍କର ଜନ୍ମସ୍ଥାନ । ଏହାର ପାଣି, ପବନ, ଶାକତଣ୍ଡୁଳରେ ଶିଶୁପ୍ରାଣ ଗଢ଼ି ଉଠିଛି । କେତେ ଖେଳିଛନ୍ତି, କେତେ ହସିଛନ୍ତି, କେତେ ଦୌଡ଼ୁଛନ୍ତି ତାହା କେବଳ ଏହି ଗ୍ରାମପଥ ହିଁ ଜାଣିଛି । ତରୁଣ ବୟସରେ ଏହି ଗ୍ରାମପଥ ତାଙ୍କ ପାଇଁ ଲୀଳାଖେଳର ଭୂମି ପାଲଟିଛି । ତରୁଣ ଜୀବନର ପ୍ରତିଟି କ୍ଷଣକୁ ସେ ବିଲ ବଣ ପ୍ରାନ୍ତରରେ କଟାଇଛନ୍ତି ।

ତୋଟାମାଳରେ ଅନେକ ସମୟ କାଟିଛନ୍ତି। ପ୍ରକୃତିର ନିରୋଳା ପରିବେଶରେ ଗ୍ରାମପଥକୁ ମା'ରୂପେ ଆଦରି ନେଇଛନ୍ତି। ତରୁଣ ଜୀବନର ଏଇ ସବୁ କଥା ତାଙ୍କ ପାଇଁ ଅପାସୋରା ହୋଇ ରହିଛି।

## ଖଦ୍ୟୋତିକା

**ବିଦ୍ୟୁତ୍‌ପ୍ରଭା ଦେବୀ**

**Extract - 1**

ନିରଲମ୍ ଏକ ନୀରବ ଭାବୁକ ସରି
ସନ୍ଧ୍ୟାର ଏହି ସ୍ତିମିତ ପ୍ରଦୀପ ଚାହେଁ
କ୍ଷିପ୍ତ ମାନସେ ଚିନ୍ତା ହଜିଲା ପରି
ସମୀରଣେ ଶିଖା ଶୂନ୍ୟେ ମିଳାଇଯାଏ

**୧. "ଖଦ୍ୟୋତିକା" କହିଲେ କ'ଣ ବୁଝ ? କବିତାଟିରେ କାହାର ଚିତ୍ର ଦିଆଯାଇଛି ?**

ଉ. "ଖଦ୍ୟୋତିକା" ଜୁଳୁଜୁଳିଆ ପୋକୁ ବୁଝାଏ। ଏହାର ନିଜସ୍ୱ ଆଲୋକ ରହିଛି। କବିତାଟି ଗୋଟିଏ ବିଷୟର ଦୃଶ୍ୟକୁ କେନ୍ଦ୍ରିତ କରି ରଚନା କରାଯାଇନାହିଁ। ଏହା ଦଶଟି କ୍ଷୁଦ୍ର କବିତାର ସମାହାର। ପ୍ରଦୀପ, ସିନ୍ଧୁ, ଝରା, ଶେଫାଳି, ପୁଷ୍ପତାଳତା, ଷଟ ଋତୁ, ମେଘ, ବିଜୁଳି, ବଜ୍ର, ଇନ୍ଦ୍ରଧନୁ, କୁଆଁତାରା ଇତ୍ୟାଦି ପ୍ରକୃତିର ଗୋଟିଏ ଲେଖାଁଏ ଦୃଶ୍ୟକୁ ମନୋଜ୍ଞ ଚିତ୍ର ଦିଆଯାଇଛି।

**୨. ପ୍ରଦୀପକୁ କାହା ସଙ୍ଗେ ତୁଳନା କରାଯାଇଛି ?**

ଉ. ସ୍ତିମିତ ପ୍ରଦୀପକୁ ନିରଳସ ଭାବେ ଜୀବନ କାଟୁଥିବା ଏକ ନୀରବ ଭାବୁକ ସଙ୍ଗେ ତୁଳନା କରାଯାଇଛି। ଭାବକୁ ସବୁବେଳେ ନିଜ ଭାବନାରେ ଥାଏ। ତେଣୁ ସେ ନୀରବ ରହିଥାଏ। ଭାବକୁର ଭାବନା ପ୍ରକାଶ ପାଇଲେ ହିଁ ଜଗତର ମଙ୍ଗଳ ହୁଏ। ପ୍ରଦୀପ ଜଳି ଜଳି ଶେଷରେ ଲିଭିଯାଏ। କାହାକୁ ସେ ଅପେକ୍ଷା କରେ ନାହିଁ। ତେଣୁ ଏପରି ତୁଳନା କରାଯାଇଛି।

**୩. "କ୍ଷିପ୍ତ ମାନସେ ଚିନ୍ତା ହଜିଲା ପରି" କହିଲେ କ'ଣ ବୁଝ ?**

ଉ. ଚଞ୍ଚଳ ମନର ଚିନ୍ତା କେବେ ସ୍ଥିର ରହେ ନାହିଁ। ତାହା ମନ ଭିତରେ ହଜିଯାଏ। କବି ଦୀପ ଶିଖାକୁ କ୍ଷିପ୍ତ ମନର ଚିନ୍ତା ସହିତ ତୁଳନା କରିଛନ୍ତି। କ୍ଷିପ୍ତ ମନର ଚିନ୍ତା ହଜିଲା ପରି ଦୀପ ଯଦି ଲିଭି ଯାଏ ତେବେ ତାର ଆଉ ସତ୍ତା ମିଳେ ନାହିଁ, କ୍ଷିପ୍ତ ମନରେ ଚିନ୍ତା ହଜିଗଲା ପରି ପବନର ସ୍ପର୍ଶରେ ଦୀପ ଶିଖା ଶୂନ୍ୟରେ ମିଳେଇ ଯାଏ ଅର୍ଥାତ୍ ଲିଭି ଯାଏ, ଚଞ୍ଚଳ ମନର ଚିନ୍ତା ଯେମିତି ଫେରେ ନାହିଁ ଠିକ୍ ସେପରି ଦୀପ ଶିଖା ଲିଭି ଗଲେ ଆଉ ପୁଣି ଥରେ ଜଳେ ନାହିଁ।

**୪. "କବିତାଟିର ନାମ କାହିଁକି "ଖଦ୍ୟୋତିକା" ରଖାଯାଇଛି ?**

ଉ. ଜୁଳୁଜୁଳିଆ ପୋକୁ ଖଦ୍ୟୋତିକା କୁହାଯାଏ। ଏହି ପୋକଟି କ୍ଷୁଦ୍ର ଜୀବନ ହୋଇ ଥିଲେ ମଧ୍ୟ ନିଜସ୍ୱ ଆଲୋକରେ ଆଲୋକିତ। ସେହିପରି ଏହି କବିତାରେ ପ୍ରତ୍ୟେକ ପଦ ଏକ କ୍ଷୁଦ୍ର



କବିତା ଅଟେ। ଏଗୁଡ଼ିକ କ୍ଷୁଦ୍ର କବିତା ହେଲେ ମଧ୍ୟ ଏମାନଙ୍କର ସୌନ୍ଦର୍ଯ୍ୟ ଓ ଗଭୀର ଭାବାଦର୍ଶ ପାଠକ ମନକୁ ମୁଗ୍ଧ କରେ। ଏହା ଏକ ପ୍ରତୀକ ଧର୍ମୀ କବିତା। କବି ପ୍ରକୃତିର ପୁଷ୍ପବନରୁ ଦଶଗୋଟି ଦୃଶ୍ୟ ରୂପକ ପୁଷ୍ପକୁ ବାଛି ଏକ ସୁନ୍ଦର ମାଳା ଗୁନ୍ଥିଛନ୍ତି। ପ୍ରତ୍ୟେକ ଦୃଶ୍ୟର ବୈଶିଷ୍ଟ୍ର ରହିଛି। "ଖଦ୍ୟୋତିକା" ବଦଳରେ ଅନ୍ୟ କିଛି ନାମ ରଖିଥିଲେ କବିତାଟି ଆକର୍ଷଣୀୟ ହୋଇ ନ ଥାଆନ୍ତା କିମ୍ବା କବିଙ୍କ ମନରେ ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇନଥାଆନ୍ତା। କବିତାଟି ଖଦ୍ୟୋତିକାର କ୍ଷୀଣ ଆଲୋକପରି ଅପୂର୍ବ ଭାବାବେଗ ସୃଷ୍ଟି କରିଥିବାରୁ ଏପରି ନାମକରଣ କରାଯାଇଛି।

**Extract - 2**

ସରଗ ନଈର ପରାଚି ତୁଠରେ
ପ୍ରଭାତ ସିନାନ ସାରି ଗୃହେ ଚଳେ ଉଷା
ଏଇଁ ପଦ୍ମୁଅଁଟି ସରାଗେ ଗଭାରେ ମାରି।

**୧. କେଉଁ ନଈର କେଉଁ ତୁଠରେ କିଏ କେତେବେଳେ ସ୍ନାନ ସାରି କୁଆଡ଼େ ଯାଇଥାଏ ?**

ଉ. ସ୍ୱର୍ଗ ରୂପକ ନଈର ପୂର୍ବ ତୁଠରେ ଉଷା, ସ୍ନାନ ସାରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥାଏ।

**୨. କାହାକୁ କାହିଁକି ପଦ୍ମଫୁଲ ସହିତ ତୁଳନା କରାଯାଇଛି ?**

ଉ. କୁଆଁ ତାରାକୁ ପଦ୍ମ ଫୁଲ ସହିତ ତୁଳନା କରାଯାଇଛି। ପଦ୍ମ ଫୁଲ ରଙ୍ଗ ଯେପରି ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ ସେହିଭଳି କୁଆଁ ତାରା ଦେଖିବାକୁ ସୁନ୍ଦର ଓ ଏହା ପାହାନ୍ତିଆରେ ଦର୍ଶକମାନଙ୍କୁ ଆନନ୍ଦ ପ୍ରଦାନ କରିଥାଏ।

**୩. କିଏ ସ୍ନାନ ସାରି ଗୃହକୁ ପ୍ରତ୍ୟାବର୍ତ୍ତନ କଲାବେଳେ କାହାକୁ ନିଜ ଗଭାରେ ମାଟି ଘରକୁ ଫେରେ ?**

ଉ. ଉଷା ସରଗ ନଈ ପରାଚି ତୁଠରେ ପ୍ରାତଃ ସ୍ନାନ ସାରି ଫେରିବା ସମୟରେ ପଦ୍ମ ଫୁଲ ସ୍ୱରୂପ କୁଆଁ ତାରାକୁ ନିଜ ଗଭାରେ ଅର୍ଥାତ ମୁଣ୍ଡରେ ମାଟି ଘରକୁ ଫେରେ ପୃଥିବୀ ପୃଷ୍ଠାରୁ ଉଷାର ପ୍ରସ୍ଥାନ ପରେ ସୂର୍ଯ୍ୟଙ୍କର ଆଗ ମନ ହୁଏ।

**୪. କୁଆଁତାରର ଆଉ ଦୁଇଟି ନାମ କ'ଣ ?**

ଉ. କୁଆଁ ତାରାର ଆଉ ଦୁଇଟି ନାମ ପ୍ରଭାତୀ ତାରା, ଧ୍ରୁବତାରା।

**Extract - 3**

ରୂପେ ନିରୂପମା ଛଅଟି ଭଉଣୀ
ଗୋଟିଏ ଘରକୁ ଜାତ
ମୃଦୁପାଦ ପାତେ ଆସଇ ମରତେ
ଧରି ଜଣେ ଆନହାତ

**୧. କେଉଁମାନେ ଜଣେ ଅନ୍ୟ ଜଣର ହାତ ଧରି କିଭଳି ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ?**

ଉ. ଗୋଟିଏ ମାଆଠୁ ଜନ୍ମ ନେଇଥିବା ଛଅଟି ଭଉଣୀ ଭଳି ଋତୁ ଚକ୍ରର ପ୍ରଭାବରେ ଛଅଟି ଋତୁ ଜଣକ ପରେ ଜଣେ ଅନ୍ୟ ଜଣଙ୍କର ହାତ ଧରି ମୃଦୁ ପାଦରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସନ୍ତି।

**୨. ଷଡ଼ ଋତୁକୁ ଛଅ ଭଉଣୀ ସହିତ କାହିଁକି ତୁଳନା କରାଯାଇଛି ?**

ଉ. ଗୋଟିଏ ମାତା ଗର୍ଭରୁ ଯେଉଁ ଛୁଆମାନେ ଜନ୍ମ ହୁଅନ୍ତି ସେମାନଙ୍କ ମଧ୍ୟରେ ଅନେକ ମେଳ ବା ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ କାରଣ ସେମାନଙ୍କ ମଧ୍ୟରେ ରକ୍ତ ସମ୍ପର୍କ ରହିଛି, ସେହିପରି ପୃଥିବୀରେ ହେଉ ଅବା ଋତୁ ଚକ୍ର ଏପରି ଏକ ଚକ୍ର ଯାହାଫଳରେ ଗୋଟିଏ ଋତୁ ସହିତ ଆଉ ଗୋଟିଏ ଋତୁର କିଛି ନା କିଛି ବୈଜ୍ଞାନିକ ସମ୍ପର୍କ ରହିଛି। ସେଥିପାଇଁ ଷଡ଼ ଋତୁ କୁ ଛଅ ଭଉଣୀ ସହିତ ତୁଳନା କରାଯାଇଛି।

**୩. ଷଡ଼ ଋତୁଙ୍କୁ କେଉଁଥିରେ ନିରୁପମା ବୋଲି କାହିଁକ କୁହାଯାଇଛି ?**

ଉ. ଛଅଟି ଋତୁ ନିଜ ନିଜର ରୂପ ଗୁଣରେ ନିରୂପମା କୁହାଯାଇଛି ଯେ କିଏ କାହାକୁ କମ୍ ନୁହନ୍ତି। ସବୁ ଋତୁର ଏକ ସ୍ୱତନ୍ତ୍ରତା ରହିଛି। ପ୍ରତି ଋତୁର ଆଗମନରେ ପୃଥିବୀର ରୂପରେ ପରିବର୍ତ୍ତନ ହୋଇଥାଏ କାହା ସହିତ କାହାକୁ ତୁଳନା କରିହେବନାହିଁ।

**୪. କବିତାଟିର ନାମ ଖଦ୍ୟୋତିକା କାହିଁକି ଦିଆଯାଇଛି ବୁଝାଇ ଦିଅ।**

ଉ. ଖଦ୍ୟୋତର ଅନ୍ୟନାମ ଜୁଳୁଜୁଳିଆ ପୋକ। ଏହା କ୍ଷୁଦ୍ର ହେଲେ ମଧ୍ୟ ସେ ନିଜର ଆଲୋକରେ ଆଲୋକିତ। ସେହିଭଳି ଖଦ୍ୟୋତିକା କବିତାଟିରେ କେହି କାହା ପ୍ରତି ନିର୍ଭରଶୀଳ ନୁହନ୍ତି ଯଥା–ପ୍ରଦୀପ, ସିନ୍ଧୁ, ଝରାଶେଫାଳି, ପୁଷ୍ପିତା ଲତା, ଷଟ ଋତୁ, ବଜ୍ର, ଇନ୍ଦ୍ର, ଧନୁ ଓ କୁଆଁ ତାରା ସମସ୍ତେ ଏକ ପ୍ରତୀକ।

<u>ମଣିକାଞ୍ଚନ ଯୋଗ</u>

**ରାଧାମୋହନ ଗଡ଼ନାୟକ**

**Extract - 1**

ଚଣ୍ଡାଳର ସନ୍ଧାନି ଏବେ
ଅର୍ପ ଏହାରେ ଚୂର୍ଣ୍ଣ
ମରମ ତଳର ବାସନା ମୋହର
ତେବେ ଯାଇ ହେବ ପୂର୍ଣ୍ଣ।

**୧. ଏହି କବିତାରେ କେଉଁ ବିଷୟ ବର୍ଣ୍ଣନା କରାଯାଇଛି ?**

ଉ. ଏହି କବିତାରେ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବ କାଞ୍ଚ ରାଜାଙ୍କୁ କନ୍ୟା ରାଜଜେମା ପଦ୍ମାବତୀଙ୍କ ବିବାହ ପ୍ରସଙ୍ଗ ଓ ଜଗନ୍ନାଥ ଧର୍ମର ସଂସ୍କୃତି ତଥା ପରମ୍ପରା ବିଷୟରେ ବର୍ଣ୍ଣନା କରାଯାଇଛି।



**୨. କାଞ୍ଚି ବିଜୟ କରି ରାଜା ନିଜ ରାଜ୍ୟକୁ ଫେରି କାହାକୁ ପାଖକୁ ଡାକି କ'ଣ କହିଲେ ?**

ଉ. ପୁରୁଷୋତ୍ତମ ଦେବ ନିଜ ରାଜ୍ୟର ମନ୍ତ୍ରୀଙ୍କୁ ଡାକି କହିଥିଲେ ମୁଁ କାଞ୍ଚି ରାଜାଙ୍କର ଗର୍ବ ଚୂର୍ଣ୍ଣ କରିଛି ଯୁଦ୍ଧରେ ହରାଇ ତଥାପି ମତେ ସେ ଯେଉଁ ଅପମାନ ଦେଇଥିଲେ ତା'ର ପ୍ରତିଶୋଧ ନେବାରେ ଯେଉଁ କାମନା ତାହା ପୂର୍ଣ୍ଣ ହୋଇନାହିଁ।

**୩. ପୁରୁଷୋତ୍ତମ ଦେବ କାହାକୁ ବନ୍ଦୀ କରି ଆଣି କାହା ହସ୍ତରେ ଅର୍ପଣ କରିଥିଲେ ?**

ଉ. ରାଜା ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି କାଞ୍ଚି ରାଜଜେମା ପଦ୍ମାବତୀଙ୍କୁ ବନ୍ଦୀ କରି ଆଣିଥିଲେ। ସେହି ରାଜିଜେମାଙ୍କୁ ମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କରିଥିଲେ ଉଦ୍ଦେଶ୍ୟ ଥିଲା। ଏକ ଚଣ୍ଡାଳ ବରର ସନ୍ଧାନ କରି ତା ସହ ରାଜଜେମାଙ୍କୁ ବିବାହ କରାଇଦେବେ।

**୪. କ'ଣ କଲେ ଯାଇ ଗଜପତି ପୁରୁଷୋତ୍ତମ ଦେବଙ୍କ ମରମ ତଳର ବାସନାପୂର୍ଣ୍ଣ ହେବ ବୋଲି ସେ କହିଥିଲେ ?**

ଉ. ଜଣେ ଚଣ୍ଡାଳ ବରକୁ ଖୋଜି ଯଦି କାଞ୍ଚି ରାଜଜେମାଙ୍କ ସହ ବିବାହ କରାଇ ଦିଆଯିବ ତାହା ହେଲେ ସେ ଖୁସି ହେବ। (ଚଣ୍ଡାଳ କହି କାଞ୍ଚି ରାଜା ପୁରୁଷୋତ୍ତମଙ୍କ ପ୍ରସ୍ତାବକୁ ପ୍ରତ୍ୟାଖନ କରି ନେଇଥିଲେ ଯାହା ପୁରୁଷୋତ୍ତମ ଦେବଙ୍କ ପାଇଁ ଅପମାନ ଥିଲା।

**Extract - 2**

'ଆଜ୍ଞା ମଣିମା' ମୃଦୁ କମ୍ପନେ ଥରାଇ କଣ୍ଠ-ତନ୍ତ୍ରୀ
ରୂପାମ୍ବିକାରେ ସଙ୍ଗତେ ଘେନି ବିଦାୟ ଘେନିଲେ ମନ୍ତ୍ରୀ।

**୧. ଗଜପତି ପୁରୁଷୋତ୍ତମଦେବ ମନ୍ତ୍ରୀଙ୍କୁ କି ଆଦେଶ ଦେଇଥିଲେ ଓ କାହିଁକି ?**

ଉ. ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟକରି ଫେରି ଆସିଥିଲେ। ତାଙ୍କୁ 'ଚଣ୍ଡାଳ' ବୋଲି କହି କାଞ୍ଚି ରାଜା ଅପମାନିତ କରିଥିବାରୁ ସେ କାଞ୍ଚି ରାଜଜେମାଙ୍କୁ ବନ୍ଦୀକରି ଆଣିଥିଲେ ଏବଂ ଉତ୍କଳର ଜଣେ ଚଣ୍ଡାଳ ସହିତ ଜେମାଙ୍କର ବିବାହ କରାଇ ଦେବାକୁ ମନ୍ତ୍ରୀଙ୍କୁ ଆଦେଶ ଦେଲେ।

**୨. ମନ୍ତ୍ରୀ ଭୟାତୁର ଥିଲେ କାହିଁକି ?**

ଉ. ମହାମନ୍ତ୍ରୀ ଜାଣିଥିଲେ ଯେ ଗଜପତି ନିଜେ କାଞ୍ଚିଜେମା ରୂପାମ୍ବିକାଙ୍କୁ ବିବାହ କରିବାକୁ ଇଚ୍ଛା କରୁଥିଲେ। କିନ୍ତୁ କାଞ୍ଚିରାଜାଙ୍କର ଓଲଟା ମନ୍ତବ୍ୟ ହିଁ ସୁ ନଷ୍ଟଭ୍ରଷ୍ଟ କରିଦେଲା। ଏବେ ସେହି ରାଜକନ୍ୟାଙ୍କୁ ସେ ଜଣେ ଚଣ୍ଡାଳ ସହିତ କିପରି ବିବାହ ଦେଲେ ଏବଂ ଏହା ରାଜାଙ୍କ ଆଦେଶ ହୋଇଥିବାରୁ ଅମାନ୍ୟ ମଧ୍ୟ କରିହେବ ନାହିଁ। ଏହି ଚିନ୍ତାରେ ମନ୍ତ୍ରୀ ଭୟାତୁର ଥିଲେ।

**୩. ସେ କାଞ୍ଚିଜେମାଙ୍କୁ କୁଆଡ଼େ ନେଇଗଲେ ?**

ଉ. ଗଜପତିଙ୍କର ଆଦେଶ ପାଳନ କରିବା ମନ୍ତ୍ରୀଙ୍କ ପାଇଁ ଅନିବାର୍ଯ୍ୟ। ତେଣୁ ସେ ଅନ୍ୟ ଉପାୟ ନ ପାଇ ଜେମାଙ୍କୁ ସାଙ୍ଗରେ ନେଇ ନିଜ ବାସଭାବନକୁ ଗଲେ। ବନ୍ଦୀ ହେଲେ ମଧ୍ୟ ରୂପାମ୍ବିକା

ଜଣେ ରାଜକନ୍ୟା । ତେଣୁ ତାଙ୍କର ସମ୍ମାନ ରକ୍ଷାକରି ତାଙ୍କୁ ନିଜ ସହିତ ନେଇ ସେହିପରି ଯତ୍ନରେ ରଖିବାକୁ ମନ୍ତ୍ରୀଙ୍କ ପାଇଁ ସମସ୍ୟା ହୋଇପଡ଼ିଲା ।

**୪. ଏହି ଗାଥାଟି ଉତ୍କଳ ଇତିହାସ ଉପରେ କି ପ୍ରଭାବ ପକାଇଲା ଲେଖ ।**

**ଉ.** ଗଜପତିଙ୍କ ଉତ୍କଳବାସୀ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ବୋଲି ସମ୍ମାନ କରନ୍ତି । ରଥରେ ଦିଅଁଙ୍କ ଆଗରେ ଛେରା ପହଁରା କରିବା ତାଙ୍କର ପବିତ୍ର କର୍ତ୍ତବ୍ୟ ବୋଲି ସେ ଗର୍ବ କରନ୍ତି । ଏଥିପାଇଁ ତାଙ୍କୁ କେହି ଚଣ୍ଡାଳ କହି ଅପମାନ ଦେବେ ତାହା ଉତ୍କଳ ପାଇଁ ଅସହ୍ୟ । ସେଥିପାଇଁ କାଞ୍ଚି ଆକ୍ରମଣ କରାଗଲା । କାଞ୍ଚି ହାରିଲା ଓ ସୁଦୂର କାଞ୍ଚିଯାଏଁ ଉତ୍କଳର ରାଜ୍ୟ ବିସ୍ତାର ହୋଇଗଲା । ଏହା ଉତ୍କଳ ଇତିହାସର ଗୌରବମୟ ଅଧ୍ୟାୟ ।

**Extract - 3**

ରାଜାଦେଶ ଆଜି ପୂର୍ଣ୍ଣ ହୋଇଚି ଆଉ ନାହିଁ ମୋର ଶୋଚନା;
କାଞ୍ଚିଜେମା ଏ ରୂପାମ୍ବିକାରେ ଘେନା ହେଉ ଏ ମୋ ଯାଚନା
ନିର୍ବାକ୍ ରାଜା ଅନାଇ ରହିଲେ ମୁଗ୍ଧ ଚକିତ ଚକ୍ଷେ
କଞ୍ଚିଜେମାର ବରଣମାଲ୍ୟ ଶୋହିଲା ନଗନ ବକ୍ଷେ ।

**୧. ଏହି ରାଜାଙ୍କର ପରିଚୟ ଦିଅ ।**

**ଉ.** ପଞ୍ଚଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଉତ୍କଳରେ ଗଜପତି କପିଳେନ୍ଦ୍ର ଦେବ ଶାସନ କରୁଥିଲେ । ତାଙ୍କର ଯୋଗ୍ୟପୁତ୍ର ମହାବୀର ଖ୍ୟାତନାମା ପୁରୁଷୋତ୍ତମ ଦେବ ଉତ୍କଳର ଶାସକ ହେଲେ । ସେ ବିଶାଳ ଉତ୍କଳର ସୀମା ବିସ୍ତାର କରିଥିଲେ ।

**୨. ମନ୍ତ୍ରୀଙ୍କର ବିଶେଷ ଆନନ୍ଦର କାରଣ ଲେଖ ।**

**ଉ.** କାଞ୍ଚି ଜିଣିବା ପରେ ଗଜପତି ରାଜଜେମାଙ୍କୁ ବନ୍ଦୀକରି ଆଣିଥିଲେ । ଜଣେ ଚଣ୍ଡାଳ ସହିତ ତାଙ୍କର ବିବାହ କରିଦେବାକୁ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ଜଣେ ରାଜକନ୍ୟା, ପୁଣି ଯାହାଙ୍କୁ ପାଇବା ପାଇଁ ଇଚ୍ଛାକରି ଗଜପତିଙ୍କୁ ଏତେ କଷ୍ଟ ସହିବାକୁ ପଡ଼ିଲା ତାକୁ କେଉଁ ଚଣ୍ଡାଳ ହାତରେ ଦେବେ ଏହା ମହାବିଷମ ସମସ୍ୟା ହୋଇପଡ଼ିଲା । କିନ୍ତୁ ଶେଷରେ ଯେଉଁଦିନ ଆଦେଶ ପାଳନ ମଧ୍ୟ ହେଲା ଓ ସମସ୍ତଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେଦିନ ମନ୍ତ୍ରୀ ବିଶେଷ ଆନନ୍ଦିତ ହେଲେ ।

**୩. ରାଜା ନିର୍ବାକ୍ ହୋଇଗଲେ କାହିଁକି ?**

**ଉ.** ରଥଯାତ୍ରା ଚାଲୁଥାଏ । ରଥରେ ଦିଅଁ ବିଜେ ଥାଆନ୍ତି । ଗଜନତି ପୁରୁଷୋତ୍ତମ ଦେବ ରଥରେ ଛେରା ପହଁରା କରୁଥାନ୍ତି । ଏହା ଏକ ଚଣ୍ଡାଳର କାର୍ଯ୍ୟ । ଏତିକିବେଳେ ମହାମନ୍ତ୍ରୀ ଜେମା ରୂପାମ୍ବିକାଙ୍କୁ ନେଇ ରଥ ଉପରେ ଥିବା ଗଜପତିଙ୍କ ନିକଟକୁ ଗଲେ । ଜଣେ ଚଣ୍ଡାଳ ହାତରେ



କାଞ୍ଚିଜେମାଙ୍କୁ ଅର୍ପଣ କରିବାର ରାଜ ଆଦେଶ ଆଜି ସେ ପାଳନ କରୁଛନ୍ତି କହି ଏହି ମହାଚଣ୍ଡାଳ ହାତରେ ଜେମାଙ୍କୁ ଅର୍ପଣ କଲେ । ମନ୍ତ୍ରୀଙ୍କର ଏହି ବିଚକ୍ଷଣ ବୁଦ୍ଧି ରାଜାଙ୍କୁ ନିର୍ବାକ୍ କରିଦେଲା ।

**୪. ଜନତା ମନ୍ତ୍ରୀଙ୍କର ଜୟକାର କଲା କାହିଁକି ?**

**ଉ.** ଆଶ୍ଚର୍ଯ୍ୟଜନନ ଭାବରେ ରାଜାଙ୍କ ଆଦେଶ ପାଳିତ ହେଲା; ରାଜାଙ୍କ ଦୀର୍ଘଦିନର ଅଭିଳାଷ ପୂରଣ ହେଲା; ଜେମାଙ୍କ ସ୍ୱପ୍ନ ସାର୍ଥକ ହେଲା । ଏତେସବୁ ଶୁଭ କାର୍ଯ୍ୟ ଓଡ଼ିଆଙ୍କ ଆରାଧ୍ୟ ଜଗନ୍ନାଥଙ୍କ ସମ୍ମୁଖରେ ତାଙ୍କରି ରଥ ଉପରେ ହେଲା ତେଣୁ ଜନତା ମୁଗ୍ଧ ଚକିତ ହୋଇଗଲେ । ଖୁସିର ଲହରୀ ଖେଳିଗଲା । ତେଣୁ ମନ୍ତ୍ରୀଙ୍କର ଜୟକାର ହେଲା । ତାଙ୍କର ବିଚକ୍ଷଣ ବୁଦ୍ଧି ଲାଗି ଏହା ସମ୍ଭବ ହୋଇପାରିଲା ।

❑❑❑